
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୧ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 April 2026
Vol.No. 36 ■ No.96 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net


## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ ପାଇଁ ଉଦ୍ୟମ ଜାରି: ବୈଠକ ପାଇଁ ପାକିସ୍ତାନରେ ପହଂଚୁଛନ୍ତି ଇରାନ-ଆମେରିକାର ପ୍ରତିନିଧି



ନୂଆଦିଲ୍ଲୀ,୧୦/୪ : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ ପାଇଁ ଆରମ୍ଭ ହୋଇଛି ବଡ଼ କସରତ। ପାକିସ୍ତାନରେ ବସିବ ବଡ଼ ବୈଠକ, ସୁରକ୍ଷା ପ୍ରତି ସେହବାଜ ସରକାର କୌଣସି ତ୍ରୁଟି ଚାହୁଁନାହାନ୍ତି। ଅନ୍ୟପଟେ ଇସ୍ରାଏଲର ପ୍ରବଳ ସାମରିକ ଚାପ ପରେ ଏବେ ଆମେରିକା ଗସ୍ତରେ ଯିବେ ଲେବାନନ୍ ପ୍ରଧାନମନ୍ତ୍ରୀ। ସେଠାରେ ହେବାକୁ ଥିବା ହାଇ-ପ୍ରୋଫାଇଲ୍ ବୈଠକରେ ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ଉପରେ ହେବ ଗୁରୁତ୍ୱପୂର୍ଣ୍ଣ ଆଲୋଚନା। ପାକିସ୍ତାନ ରାଜଧାନୀ ଇସଲାମାବାଦ ବର୍ତ୍ତମାନ ସେନା ଛାଉଣୀରେ ପରିଣତ ହୋଇଛି। ଆମେରିକା ଏବଂ ଇରାନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ଉଭୟ ଦେଶର ଅଧିକାରୀମାନେ ପାକିସ୍ତାନ ପହଞ୍ଚୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ସହରର ସୁରକ୍ଷା ଦାୟିତ୍ୱ ସେନା ନିଜ ହାତକୁ ନେଇଥିବା ବେଳେ ପ୍ରାୟ ୧୦,୦୦୦ ସୈନିକଙ୍କୁ ମୁତୟନ କରାଯାଇଛି । ପ୍ରଶାସନ ପକ୍ଷରୁ ସହରରେ 'ବ୍ଲୁ ବୁକ୍ ପ୍ରୋଟୋକଲ୍' ଲାଗୁ କରାଯାଇଛି, ଯାହା ଅତ୍ୟନ୍ତ ସମ୍ବେଦନଶୀଳ ଭିଭିଆଇପି ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ସୁରକ୍ଷା ଦୃଷ୍ଟିରୁ ଇସଲାମାବାଦର ସମସ୍ତ ସ୍କୁଲ୍, କଲେଜ ଓ ସରକାରୀ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି। ସାମ୍ଭାବ୍ୟ ବିକ୍ଷୋଭ କିମ୍ବା ଆତଙ୍କବାଦୀ ହମଲାକୁ ରୋକିବା ପାଇଁ ସହରର ପ୍ରବେଶ ପଥଗୁଡ଼ିକୁ ସିଲ୍ କରି ଦିଆଯାଇଛି। ବୈଠକ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ପାଇଁ ପୂରା ସହରକୁ ଏକ ଅଭେଦ୍ୟ ଦୁର୍ଗରେ ପରିଣତ କରାଯାଇଛି। ଇସଲାମାବାଦରେ ଆମେରିକା ଏବଂ ଇରାନ ପ୍ରତିନିଧିମଣ୍ଡଳୀଙ୍କ ବୈଠକ ପୂର୍ବରୁ ଇସଲାମାବାଦରେ ଆତଙ୍କବାଦୀ ଆକ୍ରମଣ ଏବଂ ଆମେରିକା ବିରୋଧୀ ପ୍ରତିବାଦକୁ ରୋକିବା ପାଇଁ, ◆◆ପୃଷ୍ଠା ୭

## ଯମୁନା ନଦୀରେ ଡଙ୍ଗା ବୁଡ଼ି ୧୦ ଜଣଙ୍କ ମୃତ୍ୟୁ: ନଦୀ ପରିକ୍ରମା ବେଳେ ବୁଡ଼ିଗଲା ଡଙ୍ଗା



ନୂଆଦିଲ୍ଲୀ,୧୦/୪ : ଉତ୍ତରପ୍ରଦେଶର ଧର୍ମନଗରୀ 'ବୃନ୍ଦାବନ'ର ଯମୁନା ନଦୀର କେଶିଘାଟ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଯାଇଛି। ପଞ୍ଜାବର ଲୁଧିଆନାରୁ ଆସିଥିବା ପ୍ରାୟ ୨୭ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ଷ୍ଟିମର ଯମୁନା ନଦୀରେ ଏକ ପଣ୍ଟୁନ୍ ବ୍ରିଜ୍ ସହ ଧକ୍କା ହୋଇ ଓଲଟି ପଡ଼ିବାରୁ ଏପର୍ଯ୍ୟନ୍ତ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ୧୫ରେ ଘଟିଥିବା ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଯାତ୍ରୀମାନେ ନିଜକୁ ସମ୍ଭାଳିବା ପୂର୍ବରୁ ହିଁ ଷ୍ଟିମରଟି ନଦୀ ଗର୍ଭରେ ନିମଜ୍ଜିତ ହୋଇଯାଇଥିଲା। ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ୧୪ ଜଣଙ୍କୁ ଜୀବନ୍ତ ଉଦ୍ଧାର କରିଥିବା ବେଳେ ଏବେ ମଧ୍ୟ ଅନେକ ଯାତ୍ରୀ ନିଖୋଜ ଅଛନ୍ତି। ଏହି ଭୟଙ୍କର ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଏନଡିଆରଏଫ୍, ଏସଡିଆରଏଫ୍ ଓ ସେନା ବାହିନୀକୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଚିଠି: ମେଟ୍ରୋ ପ୍ରକଳ୍ପ ପୁନଃବିଚାର ଦାବି



ଭୁବନେଶ୍ୱର, ୧୦/୪ (ନି.ପ୍ର): ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ବନ୍ଦ ନିଷ୍ପତ୍ତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଗତ ଏପ୍ରିଲ ୪ ତାରିଖରେ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତିର ବୃହତ୍ତର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପୁନଃବିଚାର କରିବା ପାଇଁ ସେ ନିବେଦନ କରିଛନ୍ତି । ସାଂସଦଙ୍କ କହିବା ଅନୁଯାୟୀ, ଭୁବନେଶ୍ୱରର ଦ୍ରୁତ ନଗରୀକରଣ ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ମେଟ୍ରୋ ଏକ ଅପରିହାର୍ଯ୍ୟ ଆବଶ୍ୟକତା ଅଟେ । କଟକ ଓ ଖୋର୍ଦ୍ଧାକୁ ମିଶାଇ ଏହି ଅଞ୍ଚଳର ଜନସଂଖ୍ୟା ମେଟ୍ରୋ ପାଇଁ ଆବଶ୍ୟକ ମାନଦଣ୍ଡ ପୂରଣ କରୁଛି । ପ୍ରକଳ୍ପଟି ସ୍ଥଗିତ ହେଲେ ଭବିଷ୍ୟତରେ ଏହାର ନିର୍ମାଣ ଖର୍ଚ୍ଚ ୨ ରୁ ୪ ଗୁଣ ବୃଦ୍ଧି ପାଇପାରେ ବୋଲି ସେ ସତର୍କ କରାଇଛନ୍ତି । ବର୍ତ୍ତମାନ ସୁଦ୍ଧା ଏଥିପାଇଁ ୨୭୪ କୋଟି ଟଙ୍କା ବ୍ୟୟ ହୋଇସାରିଛି । ଏହି ପ୍ରକଳ୍ପ ପର୍ଯ୍ୟଟନର ବିକାଶ ଓ ନିବେଶକୁ ଆକୃଷ୍ଟ କରିବାରେ ସହାୟକ ହେବ। ସେଥିପାଇଁ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଅନୁଦାନ ଯୋଗାଡ଼ କରିବାରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ । ନିଷ୍ପତ୍ତି ପ୍ରତ୍ୟାହାର କରି ମେଟ୍ରୋ କାର୍ଯ୍ୟ ଆଗକୁ ବଢ଼ାଇବାକୁ ସେ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି ।

## ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ଏପ୍ରିଲ ଶେଷ ସୁଦ୍ଧା ସରିବ ସଂରକ୍ଷଣ: ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପାଇଁ ହେବ ଆସନ ଚୂଡ଼ାନ୍ତ




ଭୁବନେଶ୍ୱର, ୧୦/୪ (ନି.ପ୍ର): ଗାଁ ଗାଁରେ ଏବେ ନିର୍ବାଚନୀ ହାୱା। ପଞ୍ଚାୟତ ପରୀକ୍ଷା ପାଇଁ ରଣନୀତି କଲେଣି ରାଜନୈତିକ ଦଳ। କିଏ କେଉଁଠୁ ଲଢ଼ିବ ସେଥିପାଇଁ ଚାଲିଛି ଅଙ୍କକଷା। ଏହା ଭିତରେ ଆସନ ସଂରକ୍ଷଣକୁ ନେଇ ବଡ ବୟାନ ଦେଇଛନ୍ତି ରାଜ୍ୟ ନିର୍ବାଚନ କମିସନ। ଏଥର ସଂରକ୍ଷଣକୁ ଅଦଳବଦଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯାହା ଆଶାୟୀଙ୍କ ଚିନ୍ତା ବଢାଇଲେଣି। ପଞ୍ଚାୟତ ନିର୍ବାଚନ ପାଇଁ ଘଣ୍ଟି ବାଜିଲା, ଆଶାୟୀଙ୍କ ମନରେ ଛନକା ପଶିଲା। କାରଣ ଆଗକୁ ପଞ୍ଚାୟତସ୍ତରରେ ଦେଖିବାକୁ ମିଳିବ ବଡ ହଲଚଲ। କେଉଁ ଆସନ ସଂରକ୍ଷିତ ରହିବ, କେଉଁ ଆସନ ଅସଂରକ୍ଷିତ ରହିବ, କେଉଁ ଆସନ ମହିଳାଙ୍କ ପାଇଁ ଉର୍ଦ୍ଧ୍ୱଷ୍ଟ ରହିବ ଖୁବଶୀଘ୍ର ତାହାର ରୂପରେଖ ପ୍ରସ୍ତୁତ ହେବ। ଏଥିପାଇଁ ଏପ୍ରିଲ ୩୦ ସୁଦ୍ଧା ଚୂଡାନ୍ତ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ପଞ୍ଚାୟତିରାଜ ବିଭାଗ। ୨୭ ପଞ୍ଚାୟତ ପରୀକ୍ଷା ପାଇଁ ୨୬ରୁ ପ୍ରସ୍ତୁତି । ୱାର୍ଡମେମ୍ବର, ସରପଞ୍ଚ, ସମିତିସଭ୍ୟ ଆସନ ପାଇଁ ସଂରକ୍ଷଣ ସ୍ଥିର କରିବାକୁ ନିର୍ଦ୍ଦେଶ। ୧୭ ଏପ୍ରିଲ ମଧ୍ୟରେ ଅଭିଯୋଗ ଉପରେ କରିପାରିବେ ଆବେଦନ। ୨୪ ଏପ୍ରିଲ ସୁଦ୍ଧା ହେବ ଅଭିଯୋଗ ଶୁଣାଣି । ୨୯ ଏପ୍ରିଲରେ ଚୂଡ଼ାନ୍ତ ସଂରକ୍ଷଣ ତାଲିକାର ରିପୋର୍ଟ ନିର୍ବାଚନ କମିସନଙ୍କୁ ଦିଆଯିବ। ଜିଲ୍ଲାପରିଷଦ ଆସନ ସଂରକ୍ଷଣ ଉପରେ ୧୭ ତାରିଖ ମଧ୍ୟରେ ଅଭିଯୋଗ ଆବେଦନ। ୨୭ ଏପ୍ରିଲରେ ଅଭିଯୋଗ ଆବେଦନ ଉପରେ ଶୁଣାଣି । ୩୦ ଏପ୍ରିଲରେ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିସନ୍‌ଙ୍କୁ ଦେବେ । ଏ ନିଷ୍ପତ୍ତି ପରେ ଗାଁ ଗଣ୍ଡାରେ ପଞ୍ଚାୟତ ପରୀକ୍ଷା ପାଇଁ ଆରମ୍ଭ ହେଲାଣି ହିସାବକିତାବ। ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ ମୋଟ ସଂରକ୍ଷଣ ୫୦ ପ୍ରତିଶତ ଭିତରେ ରହିବ। ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଯାଏଁ ସଂରକ୍ଷଣ ରହିବ ଏବଂ ମହିଳାଙ୍କ ପାଇଁ ସଂରକ୍ଷଣ ରହିବ ୫୦ ପ୍ରତିଶତ ସିଟ୍ ରହିବ। ପଞ୍ଚାୟତ ପ୍ରସ୍ତୁତି ଭିତରେ ରାଜ୍ୟ ନିର୍ବାଚନ କମିଶନ କହିଛନ୍ତି, ୨୦୨୬ ଭୋଟର ଲିଷ୍ଟ ଆଧାରରେ ହେବ ନିର୍ବାଚନ। ଏସଆଇଆର ସରିବା ପରେ ନୂଆ ଭୋଟର ତାଲିକା ପ୍ରସ୍ତୁତ ହେବ। ସବୁଠୁ ବଡ କଥା ହେଲା, ଏଥର ପୂର୍ବ ଆସନ ସ୍ଥିର ରହିବନି, ବରଂ ଅଦଳବଦଳ ହେବ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲାକୁ ଜିଲ୍ଲା ବୁଲି ପ୍ରସ୍ତୁତିକୁ ଚୂଡାନ୍ତ ରୂପ ଦେଉଛନ୍ତି ରାଜ୍ୟ ନିର୍ବାଚନ କମିଶନ। ୨୦୨୭ ଆରମ୍ଭରୁ ହିଁ ପଞ୍ଚାୟତ ନିର୍ବାଚନ ପାଇଁ ବାଜିବ ବିଗୁଲ।

## ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ମିଳିବ ପୋଷାକ

ଭୁବନେଶ୍ୱର, ୧୦/୪ (ନି.ପ୍ର): ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ମିଳିବ ପୋଷାକ । ଡ୍ରେସ ବଣ୍ଟନ ନେଇ ଏସଓପି ଜାରି ହୋଇଥିବା କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ । ମନ୍ତ୍ରୀ କହିଛନ୍ତି, ଛୁଟି ଭିତରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଡ୍ରେସ ଯୋଗାଇ ଦିଆଯିବ । ୧୨ ତାରିଖ ସୁଦ୍ଧା ଏଜେନ୍ସୀ ଚୟନ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯିବ । ଯେଉଁମାନେ ପୂର୍ବରୁ କାର୍ଯ୍ୟାଦେଶ ପାଇଥିଲେ, ସେମାନଙ୍କ ନାଁ ରେ କିଛି ଅଭିଯୋଗ ଥିଲେ କାଟି ଦିଆଯିବ । ଯେଉଁ ମାନଙ୍କ ନାଁରେ କିଛି ଅଭିଯୋଗ ନାହିଁ ସେମାନଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ଦିଆଯିବ । ତେବେ କେବେ ସ୍କୁଲ ଛୁଟି ହେବ କିଛି ନିଷ୍ପତ୍ତି ହୋଇନି । ସମୟ ଦେଖି ସଠିକ୍ ସମୟରେ ନିଷ୍ପତି ନିଆଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ।

## ଗ୍ୟାସ୍ ପାଇଁ ଡିପୋରେ ଲାଗୁଛି ଲମ୍ବା ଲାଇନ୍: ପେଟ୍ରୋଲ ପମ୍ପରେ ମିଳୁନି ୫ କେଜିଆ ସିଲିଣ୍ଡର

ଭୁବନେଶ୍ୱର, ୧୦/୪ (ନି.ପ୍ର): ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଆରମ୍ଭ ହୋଇଥିବା ଗ୍ୟାସ ସମସ୍ୟା ସୁଧୁରିବାର ନା ନେଉନି। ପ୍ରତିଦିନ ରାଜ୍ୟର ବିଭିନ୍ନ ଗ୍ୟାସ ଡିପୋ ଆଗରେ ସିଲିଣ୍ଡର ପାଇଁ ଲାଗୁଛି ଲୋକଙ୍କ ଲମ୍ବା ଲାଇନ୍। ମନ୍ତ୍ରୀଙ୍କ ଘୋଷଣା ପରେ ବି ପେଟ୍ରୋଲ ପମ୍ପରେ ପାଂଚ କେଜିଆ ସିଲିଣ୍ଡର ମିଳୁନଥିବାରୁ, ଘାଣ୍ଟି ହେଉଛନ୍ତି ଛାତ୍ରଛାତ୍ରୀ, ଶ୍ରମିକ ଓ ଅନେକ ଲୋକ। ପେଟ୍ରୋଲ ପମ୍ପରେ ପାଂଚ କେଜିଆ ସିଲିଣ୍ଡର ମିଳିବ ବୋଲି ଦୁଇ ଦିନ ତଳୁ ଘୋଷଣା କରିଥିଲେ ଯୋଗାଣ ମନ୍ତ୍ରୀ। ପରିଚୟ ପତ୍ର ଦେଖାଇଲେ ଗ୍ୟାସ ମିଳିବ ବୋଲି କହିଥିଲେ। କିନ୍ତୁ ଆଜି ବି ପେଟ୍ରୋଲ ପମ୍ପରେ ମିଳୁନି ଗ୍ୟାସ। ପେଟ୍ରୋଲ ପମ୍ପରେ କିଛି ଛୋଟ ଓ ବଡ ବାଣିଜ୍ୟକ ସିଲିଣ୍ଡର ରଖାଯାଇଛି। କିନ୍ତୁ କୌଣସି ଗ୍ରାହକ ଗ୍ୟାସ କିଣିବାକୁ ଆସିଲେ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ◆◆ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟ୍‌ରେ ୩୪୦୦ କୋଟିର ଅଟଳ ବସ୍ଷ୍ଟାଣ୍ଡ ଯୋଜନା ପାରିତ



ଭୁବନେଶ୍ୱର, ୧୦/୪ (ନି.ପ୍ର): ରାଜ୍ୟ କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୋଟ୍ ୧୧ ପ୍ରସ୍ତାବ ଉପରେ ମୋହର ଲାଗିଛି। ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଶ୍ରୀମତୀ ଗର୍ଗ କହିଛନ୍ତି, ହାଡୁଆ ଜଳସେଚନ ପ୍ରକଳ୍ପରେ ଭୂତଳ ପାଇପ୍ ଲାଇନ୍ ପାଇଁ ଟେଣ୍ଡର ମଞ୍ଜୁର କରାଯାଇଛି। ଏହା ଦ୍ୱାରା କଟକଜିଲ୍ଲା ବଡ଼ମ୍ବାର ୭୬, ନରସିଂହପୁର ଓ ତିଗିରିଆର ୫ ଲେଖାଏଁ ଗ୍ରାମବାସୀ ଉପକୃତ ହେବେ। ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ହୀରାକୁଦରୁ ଜଳ ଉତ୍ତୋଳନ କରି ଜଳ ଯୋଗାଣ ବ୍ୟବସ୍ଥା ହେବ। ସମ୍ବଲପୁର ଜିଲ୍ଲାର ୬ ହଜାର ୨୧୦ ହେକ୍ଟର ଜମି ଜଳସେଚିତ ହେବ। କ୍ୟାବିନେଟ୍ ବୈଠକରେ ୩୪୦୦ କୋଟି ଟଙ୍କାର ଅଟଳ ବସ୍ଷ୍ଟାଣ୍ଡ ଯୋଜନା ପାରିତ ହୋଇଛି। ରାଜ୍ୟର ୩୧୮ଟି ବସ୍ଷ୍ଟାଣ୍ଡର ଉନ୍ନତୀକରଣ କରାଯିବ। ସେହିପରି କେନ୍ଦୁଝରରେ ୧୬୪୭ କୋଟି ବ୍ୟୟରେ ନୂଆ ଗଠଇ ସବ୍‌ଷ୍ଟେସନ ନିର୍ମାଣ ହେବ। ଓଡ଼ିଶା ଶ୍ରମ ସେବା ନିୟମାବଳୀରେ ସଂଶୋଧନକୁ ମଧ୍ୟ ମଞ୍ଜୁରୀ ମିଳିଛି। ସେହିପରି ପୂର୍ବରୁ ନିଯୁକ୍ତ ଇଖଙ, ଜଖଓ ମାନେ ବିଭାଗୀୟ ପରୀକ୍ଷାରୁ ଛାଡ଼ ପାଇବେ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି।

## ପଶ୍ଚିମବଙ୍ଗ ପାଇଁ ବିଜେପି ଇସ୍ତାହାର ଘୋଷଣା: ବିଜେପି କ୍ଷମତାକୁ ଆସିଲେ ମହିଳାଙ୍କୁ ମାସିକ ୩୦୦୦ ଟଙ୍କା



ନୂଆଦିଲ୍ଲୀ,୧୦/୪ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ପଶ୍ଚିମବଙ୍ଗ ପାଇଁ ବିଜେପିର ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି। ଶାହ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଯଦି ବିଜେପି କ୍ଷମତାକୁ ଆସେ ତାହାହେଲେ ମହିଳାଙ୍କୁ ମାସିକ ୩୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ। ଏହାସହିତ ୬ ମାସ ଭିତରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବ ବୋଲି କହିଛନ୍ତି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ବିଜେପି ସଙ୍କଳ୍ପ ପତ୍ର ଜାରି କରି ଅମିତ ଶାହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଗତ ୧୫ ବର୍ଷର ଶାସନକୁ କଳା ଅଧ୍ୟାୟ ବୋଲି କହିଛନ୍ତି। ଲୋକମାନେ ଏବେ ଭୟଭୀତ ଅଛନ୍ତି ଓ ଶାସନରେ ପରିବର୍ତ୍ତନ ଚାହୁଁଛନ୍ତି। ବିଜେପିର ସଙ୍କଳ୍ପ ପତ୍ର ସବୁ ବର୍ଗକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି ବୋଲି ଅମିତ ଶାହ କହିଛନ୍ତି। ପଶ୍ଚିମବଙ୍ଗରେ ଲୋକମାନେ ଭୟଭୀତ ଓ ନିରାଶ ଅଛନ୍ତି ଏବଂ ହୃଦୟରୁ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଶାହ କହିଛନ୍ତି। ◆◆ପୃଷ୍ଠା ୭

## ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନି ସାମୟିକ ସ୍ଥଗିତ ରହିଛି: ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୧୦/୪ (ନି.ପ୍ର): ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନି ସାମୟିକ ସ୍ଥଗିତ ରହିଛି । ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ବନ୍ଦ ହୋଇନି । ସେ ଅଫିସ ମଧ୍ୟ ଚାଲୁ ରହିଛି । ସମୟିକ ସ୍ଥଗିତ ରହିଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି । ମୁଖ୍ୟମନ୍ତ୍ରୀ କେଉଁଠି ମନା କରି ନାହାନ୍ତି ଏହା ମୁଖ୍ୟମନ୍ତ୍ରୀଙ୍କ ବିଚାରଧୀନ ରହିଛି । ଯେତେବେଳେ ଟେଷ୍ଟ ହେଲା ସେତେବେଳେ କେତେ ସମସ୍ୟା ହେଲା ଲୋକ ଯିବା ଆସିବା କରି ପାରିଲେନି । ଦୀର୍ଘ ଦିନ ଧରି ଯଦି କାମ ହୋଇଥାନ୍ତା । ◆◆ପୃଷ୍ଠା ୭

# ମୁରିବାହାଲ ଡ଼ିଗ୍ରୀ କଲେଜରେ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ବଲାଙ୍ଗିର, ୧୦/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡ଼ିଗ୍ରୀ କଲେଜରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବୁଧବାର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ଓ ବ୍ଲକ ସିଡ଼ିପିଓଙ୍କ ସମେତ ମୋଟ ୨୪ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହା ପୂର୍ବରୁ କଲେଜ ପରିସରରେ ରକ୍ତଦାନ ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା ମୁଖ୍ୟ ଅତିଥି, ସିଡ଼ିପିଓ ପୂର୍ଣ୍ଣିମା ବୈଠାରୁ, ଟିଟିଲାଗଡ଼ ରକ୍ତକେନ୍ଦ୍ରର ଡ଼. ଓଁକାର ହୋତା, ଦୁର୍ଗାବାହିନୀ ପ୍ରାନ୍ତୀୟ ସଂଯୋଜିକା ସୁଶ୍ରୀ ସୋନାଲିପ୍ରଭା ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ପଶାୟତ, ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ଘନଶ୍ୟାମ ଖମାରୀ, ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଛନ୍ଦାଚରଣ ଖୁଣ୍ଟିଆ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରକ୍ତଦାନ-ଜୀବନଦାନ-ଏକ ମହତଦାନ ସମ୍ପର୍କରେ ଉତ୍ସାହିତ କରିଥିଲେ । ପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ରକ୍ତଦାତା ଜୀବନଦାତାମାନେ ହେଲେ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକ, ସିଡ଼ିପିଓ ପୂର୍ଣ୍ଣିମା ବୈଠାରୁ, ଅଧ୍ୟାପକ ବାସୁଦେବ ଦଳାଇ, ଛାତ୍ରୀ ମୋନାଲିସା ସାହୁ, ମାନସୀ ସାହୁ, ପୂଜା ସାହୁ, ସୁବାନୀ ବାଗ, ଛାତ୍ର ମିଥୁନ ବାଗ, ଲୋକେଶ ବଗର୍ତ୍ତି, ପୁଣ୍ୟବନ୍ତ ଖର୍ସେଲ, ଗଜିନ୍ଦ୍ର ମହାକୁର, ବିକାଶ ରଣା, ରୋହନ ସେଠ, ସଂକୀର୍ତ୍ତନ୍ୟ ବାଗ, ପ୍ରଶାନ୍ତ ଜାଲ, ଦିନେଶ ପୁଟେଲ, ସୁଶୀଲ ଭୋଇ, ସୁଶୀଲ ବାଗ, ଏମ୍ ଡି ଇର୍ଫାନ, କ୍ଷୀରମୋହନ ନାଗ, ଲୋକନାଥ ନାଏକ, ଚୋଲଦେବ ସାହୁ, ବିମଳ ସୁନା ଓ କ୍ଷମାନିଧି ପଧାନ । ଟିଟିଲାଗଡ ଉପଖଣ୍ଡ ରକ୍ତକେନ୍ଦ୍ରର ଡ. ଓଁକାର ହୋତାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଲେବୋରେଟୋରୀ ଟେକନିସିଏନ ଅଚ୍ୟୁତାନନ୍ଦ ମହାପାତ୍ର, ଡିଏମ ଆସିଷ୍ଟାଣ୍ଟ ଜିତେନ୍ଦ୍ର କୁମାର ପଣ୍ଡା, ଆଟେଡାଣ୍ଟ ଜୟରାମ ମଛଖଣ୍ଡ ଓ ଅଶୋକ ଦୋରା ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ଡ଼ିଗ୍ରୀ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ପଂଚପଡ଼ା ହାଇସ୍କୁଲରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ

ଝାରସୁଗୁଡ଼ା, ୧୦/୦୪ (ନି.ପ୍ର): ଝାରସୁଗୁଡ଼ା ସହରସ୍ଥିତ ସରକାରୀ ହାଇସ୍କୁଲ ପଂଚପଡ଼ାରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ପୂର୍ଣ୍ଣମିତା ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଏହି ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରୁପାନନ୍ଦ ଚୌଧୁରୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୀତା ପଟେଲ, ସଦସ୍ୟା ରଞ୍ଜୁ ନେଟି ଓ ଖେଳଣା ମଗର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ କ୍ଷ ବିଦ୍ୟାଳୟର ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଯୋଗଦେଇଥିବା ନୂତନ ଛାତ୍ର ଛାତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା ।


1001/10/2627

## ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକାଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା

### ବିଜ୍ଞାପନ

ସଂଖ୍ୟା ୬୫୧ ତା ୬. ୦୪. ୨୦୨୬ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚଳିତ ବର୍ଷ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିଭାଗ ଅଧିନସ୍ଥ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ସାରସକଣା ବ୍ଲକ୍‌ର ଘାସ ଚାଷ ଉନ୍ନୟନ କେନ୍ଦ୍ର (ପି.ଡି.ସି), ଶିର୍ଷା (୧୪ ହେକ୍ଟର) ଏବଂ ବାରିପଦା ବ୍ଲକ୍ ଅନ୍ତର୍ଗତ ମୃତ୍ତିକା ସଂରକ୍ଷଣ ପ୍ରଦର୍ଶନ କେନ୍ଦ୍ର (ଏସ୍.ସି.ଡି.ସି.), ଛେନାଧୁଆ (୫୦ ହେକ୍ଟର) ୨୦୨୬ ବର୍ଷ ପାଇଁ କାଜୁ ମଞ୍ଜି ଓ ଫଳ ସଂଗ୍ରହ କରିବା ନିମିତ୍ତ ଉକ୍ତ ଉଦ୍ୟାନ ଗୁଡିକୁ ନିଲାମ କରାଯିବ । ଉଦ୍ୟାନ ଗୁଡିକର ଗଛ ସଂଖ୍ୟା ଏବଂ ରୋପଣର ବର୍ଷ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି । ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମ ଓ ସର୍ତ୍ତାବଳୀ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. ୦୭.୦୪.୨୦୨୬ ରିଖ ଠାରୁ ତା.୧୬.୦୪.୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ସମସ୍ତ କାର୍ଯ୍ୟଦିବସ ମାନଙ୍କରେ ଉପଲବ୍ଧ ହେବ । ଏଣୁ ଉକ୍ତ କାଜୁ ଉଦ୍ୟାନ ଗୁଡିକୁ ନିଲାମ ସୂତ୍ରରେ ନେବା ପାଇଁ ଇଚ୍ଛୁକ ଏବଂ ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଦରଖାସ୍ତ ଆବେଦନ କରି ଜଉମୁଦ ଲଫାଫା ଉପରେ ସ୍ପଷ୍ଟ ଭାବରେ ଓ ବଡ ବଡ ଅକ୍ଷରରେ "............. କାଜୁ ବଗିଚା ନିଲାମ" ଲେଖି ରେଜେଷ୍ଟ୍ରି /ସ୍ପିଡ ପୋଷ୍ଟ/ କୋରିୟର୍ ମାଧ୍ୟମରେ ଆସନ୍ତା ତା. ୧୭.୦୪.୨୦୨୬ ରିଖ ଅପରାହ୍ନ ୧୧.୦୦ ଘଟିକା ସମୟ ସୁଦ୍ଧା ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକାଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, ପୋ.- ଭଞ୍ଜପୁର, ବାରିପଦା, ପିନ୍- ୭୫୭୦୦୧ ଠିକଣାରେ ପ୍ରେରଣ କରିବାକୁ ଅନୁରୋଧ । ବ୍ୟକ୍ତିଗତ ଭାବେ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଟେଣ୍ଡର ବାକ୍ସରେ ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବେଦନ ପତ୍ର ପକାଇପାରିବେ । ନିଲାମ ସମ୍ପର୍କିତ ସବିଶେଷ ବିବରଣୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ସମସ୍ତ ସରକାରୀ କାର୍ଯ୍ୟ ଦିବସ ମାନଙ୍କରେ ଏବଂ **www.mayurbhanj.nic.in** ୱେବସାଇଟ୍ ମାଧ୍ୟମରେ ଉପଲବ୍ଧ ହେବାର ବ୍ୟବସ୍ଥା କରାଯାଇଅଛି । ନିଲାମ ଦରଖାସ୍ତ ସହିତ ଅମାନତ ରାଶି ବାବଦରେ ନିଲାମ ମୂଲ୍ୟର ୧୦ ପ୍ରତିଶତ ଅର୍ଥ ଏବଂ ଆବେଦନ ଫର୍ମ ବାବଦକୁ ଟ. ୧୦୦ /- (ଶହେ ଟଙ୍କା) ମାତ୍ର Project Director, Watersheds, Mayurbhanj, Baripadaଙ୍କ ନାମରେ କେବଳ ବ୍ୟାଙ୍କ ଡ୍ରାଫ୍ / ବ୍ୟାଙ୍କର୍ସ ଚେକ୍ (ଯାହାକି ବାରିପଦାରେ ଉଠାଣଯୋଗ୍ୟ) ସଂଯୋଗ କରିବା ବାଧ୍ୟ ଅଟେ । ଅନ୍ୟ ମାଧ୍ୟମରେ କୌଣସି ରାଶି ଗ୍ରହଣ ଯୋଗ୍ୟ ନୁହେଁ । ତା. ୧୭.୦୪.୨୦୨୬ ରିଖ ଅପରାହ୍ନ ୧୨.୦୦ ଘଟିକା ସମୟରେ ନିଲାମ କମିଟିଙ୍କ ଉପସ୍ଥିତିରେ ଜଉମୁଦ ଆବେଦନ ପତ୍ର ଗୁଡିକ ଖୋଲିବା ସହିତ ନିଲାମ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ । ଆବେଦନକାରୀ ବା ସେମାନଙ୍କର କୌଣସି ପ୍ରତିନିଧି ଚାହିଁଲେ ନିଲାମ ସମୟରେ ରହିପାରିବେ । ନିଲାମ ସଂକ୍ରାନ୍ତରେ କୌଣସି କାରଣ ନଦର୍ଶାଇ ତାରିଖ ପରିବର୍ତ୍ତନ କରିବା କିମ୍ବା ନିଲାମ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାକ୍ଷାନ କରିବାର ସମସ୍ତ ଅଧିକାର କର୍ତ୍ତୃପକ୍ଷଙ୍କ ଠାରେ ନିହିତ ରହିଛି ।

| ଉଦ୍ୟାନ ନାମ | ଅଞ୍ଚଳର ପରିମାଣ | ଗଛ ସଂଖ୍ୟା | ରୋପଣ ବର୍ଷ |
|---|---|---|---|
| ଘାସ ଚାଷ ଉନ୍ନୟନ କେନ୍ଦ୍ର (ପି.ଡି.ସି), ଶିର୍ଷା, ସାରସକଣା | ୧୪ ହେକ୍ଟର | କାଜୁ- ୧୦୦୦ | ୧୯୬୮-୬୯ |
| ମୃତ୍ତିକା ସଂରକ୍ଷଣ ପ୍ରଦର୍ଶନ କେନ୍ଦ୍ର (ଏସ୍.ସି.ଡି.ସି.), ଛେନାଧୁଆ, ବାରିପଦା | ୫୦ ହେକ୍ଟର | କାଜୁ-୩୦୦୦ | ୨୦୦୭-୦୮ |

ମଳୟ କୁମାର ସାହୁ
ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା,
ମୟୂରଭଞ୍ଜ, ବାରିପଦା

OIPR: 1001/1058/1/26-27/0001


# ମାଓବାଦୀ ପ୍ରଭାବିତ ଜିଲ୍ଲାଗୁଡିକରେ 'ଗ୍ରାମୋଦୟ' ଯୋଜନାର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ୧୦ଟି ଜିଲ୍ଲା ଯଥା - ବରଗଡ଼, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ାର ଜିଲ୍ଲାପାଳମାନଙ୍କୁ 'ଗ୍ରାମୋଦୟ' କାର୍ଯ୍ୟକ୍ରମକୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୧୯ ମାର୍ଚ୍ଚ ୨୦୨୬ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକର ଆଲୋଚନା ଅନୁଯାୟୀ, 'ଗ୍ରାମୋଦୟ' ଯୋଜନାର ଲକ୍ଷ୍ୟ ହେଉଛି ମାଓବାଦୀ ପ୍ରଭାବିତ ଗ୍ରାମଗୁଡିକରେ ସରକାରୀ ଯୋଜନା ଏବଂ ମୌଳିକ ସୁବିଧାସୁଯୋଗ ସୁଚାରୁରୂପେ ପହଂଚାଇବା ସହିତ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଦୂରତା ହ୍ରାସ କରି ବିଶ୍ୱାସ ବୃଦ୍ଧି କରିବା କ୍ଷ ଏଥିନିମନ୍ତେ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ୩୯ଟି ବ୍ଲକ୍‌ର ୪୮୪ଟି ଗ୍ରାମରେ ରହୁଥିବା ବାସହୀନ ପରିବାରଙ୍କୁ ୧୫ ମେ ୨୦୨୬ ମଧ୍ୟରେ ସର୍ଭେକ୍ଷଣ ମାଧ୍ୟମରେ ଚିହ୍ନଟ କରି 'ବସୁନ୍ଧରା ଯୋଜନା' ଅନ୍ତର୍ଗତ ଭୂମି ପ୍ରଦାନ ଓ ଜମିପଟ୍ଟା ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି କ୍ଷ ସେହିପରି ଏହି ସବୁ ଅଂଚଳରେ ଇ - ଡିଷ୍ଟ୍ରିକ୍ଟ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତରାଧିକାରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦିକୁ ସମୟସୀମା ଭିତରେ ପ୍ରାଥମିକତା ଆଧାରରେ ପ୍ରଦାନ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ରହିଛି । ଗ୍ରାମୋଦୟ' ଯୋଜନାର ଅଗ୍ରଗତି ସମ୍ପର୍କିତ ସମସ୍ତ ଡାଟା ସଂରକ୍ଷଣ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ସମୟୋପଯୋଗୀ ସମୀକ୍ଷା ମାଧ୍ୟମରେ ନିୟମିତ ନିରୀକ୍ଷଣ କରାଯିବାକୁ ନିଷ୍ପତି ନିଆଯାଇଛି । ମାଓବାଦୀ ପ୍ରଭାବିତ ଅଂଚଳରେ ରାଜସ୍ୱ ବିଭାଗର ଖାଲି ପଦବୀଗୁଡିକୁ ପ୍ରାଥମିକତା ଭିତିରେ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାମାନଙ୍କୁ ବିଭିନ୍ନ ସଫଳତା କାହାଣୀ, ଫଟୋ ଓ ଭିଡିଓ ସଂଗ୍ରହ କରି ବିଭାଗର ୱେବସାଇଟ୍‌ରେ ପ୍ରକାଶିତ ହେବା ସହ ପ୍ରଚାରପ୍ରସାର ନିମନ୍ତେ ପ୍ରେରଣ କରିବାକୁ କୁହାଯାଇଛି । ସେହିପରି ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଅଧିକ ଫଳପ୍ରଦ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କ ଠାରୁ ଉପାଦେୟ ପ୍ରସ୍ତାବ ମଧ୍ୟ ଆହ୍ୱାନ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଏହି ପଦକ୍ଷେପମାନଙ୍କ ମାଧ୍ୟମରେ ମାଓପ୍ରବଣ ଅଂଚଳର ସାମଗ୍ରିକ ଉନ୍ନତିକୁ ସୁଦୂରପ୍ରସାରୀ କରିବା ସହ ଲୋକାଭିମୁଖି ସୁଶାସନକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ସଚିବ ଗୁରୁତ୍ୱାରୋପ କରିଛନ୍ତି ।

# ମୁଣ୍ଡି କୂପା ଜଙ୍ଗଲରେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କନ୍ଧମାଳ, ୧୦/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ର ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଥାନା ଅଧୀନରେ ଥିବା ସଲାଗୁଡା ଗାଁ ନିକଟରେ ଥିବା ମୁଣ୍ଡିକୂପା ଜଙ୍ଗଲର ଏକ ଆମ୍ବ ଗଛରୁ ଜଣେ ଯୁବକଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ସାରଙ୍ଗଗଡ଼ ପୋଲିସ ଓ ମୃତକ ଜଣକ ଫିରିଙ୍ଗିଆ ଥାନା ଉପର ଦଣ୍ଡିକିଆ ଗାଁ ର ସ୍ୱର୍ଗତ ନୀଳାମ୍ବର କହଁରଙ୍କ ପୁଅ କରୁଣାକର କହଁର ବୋଲି ଜଣାପଡିଥିବା ବେଳେ ସେ ଦୀର୍ଘ ବାର ବର୍ଷ ହେବ କେରଳର ଏକ କମ୍ପାନୀରେ ରହି କାମ କରି ଆସୁଥିଲେ ଓ ସୂଚନା ଅନୁସାରେ, ବୁଧବାର ସଲାଗୁଡା ଗାଁ ର କିଛି ଲୋକ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିବା ସମୟରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ ଓ ଖବର ପାଇ ସାରଙ୍ଗଗଡ଼ ଥାନା ଅଧିକାରୀ ସ୍ମିତା ଜେନା ସାଇଂଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ କୁ ପଠେଇ ଦେଇ ଅଧିକ ତଦନ୍ତ ଜାରି ରଖିଛନ୍ତି ଓ ସେପଟେ ଘଟଣାକୁ ନେଇ ସାରଙ୍ଗଗଡ଼ ଥାନାରେ ୦୪/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ମଧ ରୁଜୁ କରାଯାଇଥିବା ଥାନା ଅଧିକାରିଣୀ ସୂଚନା ଦେଇଛନ୍ତି ଓ ତେବେ ମୃତ ଯୁବକ ଜଣକ କାମ କରିବା ପାଇଁ ଦୀର୍ଘ ବାରରୁ ପନ୍ଦର ବର୍ଷ ଧରି କେରଳ ଯାଇ ନିଜ ଘରକୁ ଆସିନଥିବା ବେଳେ ହଠାତ ଏତେ ବର୍ଷ ପରେ ତାଙ୍କ ମୃତଦେହ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ଓ ଏହା ଆତ୍ମହତ୍ୟା ନା ତାଙ୍କୁ କିଏ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛି ତାହା ସନ୍ଦେହଘେରରେ ରହିଥିବା ବେଳେ ସାଇଂଟିଫିକ ଟିମ୍ ର ତଦନ୍ତ ରିପୋର୍ଟ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ ସ୍ମିତା ଜେନା ।

## ଆଇନଜୀବୀଙ୍କ ହୃଦ୍‌ଘାତରେ ପରଲୋକ

ପୁରୀ, ୧୦/୦୪ (ନି.ପ୍ର): ପୁରୀର ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ପାଣିଗ୍ରାହୀଙ୍କ ଗୁରୁବାର ପୂର୍ବାହ୍ନରେ ହୃଦଘାତରେ ପରଲୋକ ହୋଇଛି । ଅଠରନଳା ନୀଳଚକ୍ର ନଗର ବାସଭବନରୁ କୋର୍ଟ ଯିବା ପାଇଁ ଆସୁଥିବା ବେଳେ ମେଡିକାଲ ଛକ ଠାରେ ଟ୍ରାଫିକ ସିଗନାଲ ଠାରେ ଅଟକି ରହିଥିଲେ । ପରେ ସେହି ଠାରେ ସ୍ଥାନୀୟ ଲୋକ ମେଡିକାଲକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମରଶରୀର ବାସଭବନକୁ ନିଆଯାଇ ସେଠାରୁ ପୁରୀ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା । ଓକିଲ ସଂଘର ନିର୍ବାଚିତ ପ୍ରତିନିଧିଗଣଙ୍କ ସହ ଶତାଧିକ ଆଇନଜୀବୀ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ପାଣିଗ୍ରାହୀ ଜଣେ ମେଳାପୀ ସ୍ନେହି ଓ ବନ୍ଧୁବତ୍ସଳ ଥିଲେ । ପୁରୀ ଜିଲ୍ଲା ଜଜ କୋର୍ଟ ସମେତ ହାଇକୋର୍ଟରେ ମଧ ଅନେକ ମାମଲାରେ ଆଇନଜୀବୀ ଭାବେ ଦକ୍ଷତାର ସହ ମାମଲା ପରିଚାଳିତ କରିଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ଓକିଲ ଓ ମହକିଲ ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସମସ୍ତେ କାମନା କରିଛନ୍ତି । ସ୍ୱର୍ଗଦ୍ୱାରରେ ତାଙ୍କ ପାର୍ଥିବ ଶରୀରର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଂଟନ କାର୍ଯ୍ୟକ୍ରମ

ଜୟପୁର, ୧୦/୦୪ (ନି.ପ୍ର): ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ର କାର୍ଯ୍ୟାଦେଶ ବଂଟନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ପୌରପାଳିକା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନିପତି, ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି ସୁନିତାଙ୍କ ସହ କାଉନସିଲର ମାନେ ଉପସ୍ଥିତ ଥିଲେ । ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରି ପୁଜା ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜୟପୁର ପୌରାଚଂଳର ୧୩୮ ଜଣ ହିତାଧିକାରିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ବିଧାୟକ ବାହିନିପତି ଯୋଗଦେଇ କାର୍ଯ୍ୟାଦେଶ ବଂଟନ କରିଥିଲେ । ଯେଉଁ ହିତାଧିକାରିମାନେ କାର୍ଯ୍ୟାଦେଶ ପାଇଛନ୍ତି ସେମାନେ ତୁରନ୍ତ ଘର କାମ ଆରମ୍ଭ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । କାର୍ଯ୍ୟାଦେଶ ପ୍ରଦାନ ପରେ କେତେକ ଦଲାଲ ମୁଁ କରାଇ ଦେଲି କହି ଟଙ୍କା ମାଗିବେ ସେଥିପାଇଁ ସମସ୍ତେ ସଜାଗ ହୁଅନ୍ତୁ । କାହାକୁ ଟଙ୍କାଟିଏ ବି ଦେବେ ନାହିଁ । ବିଲ୍ ସମୟରେ ହେଉ କି ଫଟୋ ଉଠାଇବା ସମୟରେ ବି ଟଙ୍କା ଦେବେ ନାହିଁ । ଯିଏ ଟଙ୍କା ମାଗୁଛି ତୁରନ୍ତ ବିଧାୟକ, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପୌର କାର୍ଯ୍ୟନିର୍ବାହୀ ଅଧିକାରି ନଚେତ କାଉନସିଲର ମାନଙ୍କୁ ଜଣାଇବେ । ଜଣାଇବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ବାହିନିପତି ସଚେତନ କରିଥିଲେ ।

# କନ୍ଧମାଳରେ କୋଟି କୋଟି ଟଙ୍କାର ଶାଳମଞ୍ଜି କାରବାର: ଉତ୍ପାଦନରେ ରାଜ୍ୟରେ ପ୍ରଥମ

ଫୁଲବାଣୀ, ୧୦/୦୪ (ନି.ପ୍ର): ଶାଳମଞ୍ଜି ଉତ୍ପାଦନ କ୍ଷେତ୍ରରେ କନ୍ଧମାଳଜିଲ୍ଲା ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଛି । ପ୍ରଚୁର ଶାଳ ଜଙ୍ଗଲ ଥିବାରୁ ଏଠାରେ ବାର୍ଷିକ ହଜାର ହଜାର ଟନ୍ ଶାଳ ମଞ୍ଜି ଉତ୍ପାଦିତ ହେଉଛି । ମାତ୍ର ଏହି ଶାଳମଞ୍ଜି କିଣିବାକୁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନଥିବାରୁ ବାହାର ଦଲାଲ ଏହାର ଫାଇଦା ଉଠାଉଛନ୍ତି । ପରିତାପର ବିଷୟ ହେଉଛି, ଆଜି ପର୍ଯ୍ୟନ୍ତ ଶାଳମଞ୍ଜିକୁ ନେଇ ଏଠାରେ କୌଣସି ଶିଳ୍ପସଂସ୍ଥା କିମ୍ବା ପ୍ରୋସେସିଂ ୟୁନିଟ୍ ସ୍ଥାପନ ହୋଇ ପାରିନାହିଁ । ସ୍ଥାନୀୟ ଆଦିବାସୀଙ୍କ ପାଇଁ ଜୀବନ ଜୀବିକାର ଏକ ପ୍ରମୁଖ ମାଧ୍ୟମ ହେଉଛି ଶାଳମଞ୍ଜି । ଏପ୍ରିଲ ଓ ମେ' ମାସ ବେଳକୁ ମୁଖ୍ୟତଃ ଆଦିବାସୀମାନେ ଜଙ୍ଗଲରୁ ଶାଳଫୁଲ ସଂଗ୍ରହ କରି ସେଥିରୁ ମଞ୍ଜି ବାହାର କରିଥା'ନ୍ତି । କିନ୍ତୁ ପରିଶ୍ରମ ତୁଳନାରେ ଆଦିବାସୀଙ୍କୁ ଉଚିତ ମୂଲ୍ୟ ମିଳୁନି । ମାସେ କାଳ ମହିଳା ଓ ପୁରୁଷମାନେ ଶାଳଫୁଲ ସଂଗ୍ରହ କରି ତାକୁ ଖରାରେ ଶୁଖାଇ ମଞ୍ଜି ଅମଳ କରିଥାନ୍ତି । ତୁମୁଡ଼ିବନ୍ଧ ବ୍ଲକ୍ ବେଲଘର ପଞ୍ଚାୟତ ରଙ୍ଗାପାରୁ ଗାଁର କୃଷ୍ଣ ଜାନିଙ୍କ କହିବା ଅନୁସାରେ, ଗୋଟିଏ ଋତୁରେ ସେ ପାଖାପାଖି ୨ କ୍ୱିଣ୍ଟାଲ୍ ଶାଳ ମଞ୍ଜି ସଂଗ୍ରହ କରିଥାନ୍ତି । ଏଥିରେ ପରିବାରର ସମସ୍ତ ସଦସ୍ୟମାନେ ନିୟୋଜିତ ହୁଅନ୍ତି । କିନ୍ତୁ ବିକ୍ରିବଟାକୁ ନେଇ ସମସ୍ୟା ଦେଖାଦେଇଥାଏ । ପଡ଼ୋଶୀ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ଦଲାଲମାନେ ଗାଁ ଗାଁରେ ବୁଲି ଶାଗମାଛ ଦରରେ ଶାଳମଞ୍ଜି କିଣି ନେଇଥାନ୍ତି । ବିପିନା ମାଝିଙ୍କ କହିବା ମୁତାବକ ବେପାରୀମାନେ ଶାଳମଞ୍ଜି କିଲୋ ପିଛା ମାତ୍ର ୧୦ ଟଙ୍କା ଦେଉଛନ୍ତି । ଆନ୍ଧ୍ର ବେପାରୀମାନେ ବସ୍ତା ଆକାରରେ ନେଇଯାଆନ୍ତି । ଗଞ୍ଜାମର କେତେକ ବେପାରୀ ଟିଣ ପ୍ରତି ୨୦ ଟଙ୍କା ଦରରେ କିଣି ନେଉଛନ୍ତି । ଶାଳମଞ୍ଜିରୁ ବନସ୍ପତି ଘିଅ, ସାବୁନ୍, କସ୍‌ମେଟିକ୍ସ, ବିଭିନ୍ନ ପ୍ରକାର ଔଷଧ ଓ ରନ୍ଧନ ତୈଳ ପ୍ରସ୍ତୁତ ହୋଇଥାଏ । ଜିଲ୍ଲାରେ ଶାଳମଞ୍ଜିର ଏକ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଗଲେ ଜିଲ୍ଲାର ଆଦିବାସୀମାନେ ଏଥିରୁ ଉପକୃତ ହୋଇପାରନ୍ତେ ଏବଂ ଦଲାଲମାନଙ୍କ କବଳରୁ ମୁକ୍ତି ପାଇପାରନ୍ତେ । ଶାଳମଞ୍ଜିରୁ ପ୍ରସ୍ତୁତ ସାବୁନ୍ ଓ ବନସ୍ପତି ଘିଅ କାରଖାନା ପ୍ରତିଷ୍ଠା କରିବାକୁ ସହରବାସୀ ଦାବି କରିଛନ୍ତି ।

# ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ: ଜଳସେଚନ ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ରାଜ୍ୟର ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଚାଷୀଙ୍କୁ ନିରନ୍ତର ଜଳ ଯୋଗାଇଦେବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ଲକ୍ଷ୍ୟରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଇଂ ସାଗର ମହାନ୍ତି ବିଭିନ୍ନ ଜିଲ୍ଲା ଗସ୍ତ କରି ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ । ମୁଖ୍ୟ ଶାସନ ସଚିବ ବଡ଼ମ୍ବା ବ୍ଲକସ୍ଥିତ ପଦ୍ମନାଭପୁର ଚେକ୍ ଡ୍ୟାମ୍ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ଚେକ୍ ଡ୍ୟାମର ନବୀକରଣରେ ବ୍ୟୟ ଏବଂ ଏହାର ଜଳସେଚନ କ୍ଷମତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିସହ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୯୦ ପ୍ରତିଶତ ବ୍ୟୟ ଅଟକଳ ଶେଷ କରିବାକୁ ମାସିକ ଲକ୍ଷ୍ୟଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରି ସେ ପାଣି ପଂଚାୟତ ଗଠନ ଏବଂ ୱାଟର ୟୁଜର୍ସ ଆସୋସିଏସନ ପଞ୍ଜିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଚେକ୍ ଡ୍ୟାମର ସୁରକ୍ଷା ପାଇଁ ଅଫ୍ଲକ୍ସ ବନ୍ଧର ଟର୍ଫିଂ ଏବଂ ଅପ୍-ଷ୍ଟ୍ରିମ୍ ସ୍ଲୋପର ରକ୍ଷଣାବେକ୍ଷଣ ପାଇଁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ନରସିଂହପୁର ବ୍ଲକସ୍ଥିତ ହାଡ୍ଡୁଆ ଜଳସେଚନ ପ୍ରକଳ୍ପର ସମୀକ୍ଷା ସମୟରେ କଂକ୍ରିଟ ଗ୍ରାଭିଟି ଡ୍ୟାମ୍ ଓ ସ୍ପିଲୱେ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରବାକୁ କରିଛନ୍ତି । ଏହା ବ୍ୟତୀତ ପ୍ରକଳ୍ପ ଅଂଚଳରେ ଏକ ସ୍କାଡା କଂଟ୍ରୋଲ ରୁମ୍, ପର୍ଯ୍ୟଟକଙ୍କ ପାଇଁ ସୌନ୍ଦର୍ଯ୍ୟକରଣ ଏବଂ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ପରିଦର୍ଶନ ଏବଂ ସମୀକ୍ଷା ସମୟରେ ମାନ୍ୟବର ବଡ଼ମ୍ବା ବିଧାୟକ ଶ୍ରୀ ବିଜୟ କୁମାର ଦଳବେହେରା, ଆଠଗଡ ଉପଜିଲ୍ଲାପାଳ ଶ୍ରୀ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ସାଗର ମହାନ୍ତି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକର ବିଭିନ୍ନ ପ୍ରକଳ୍ପର ଯାଂଚ କରିଥିଲେ । ମୁଖ୍ୟ ଯନ୍ତ୍ରୀ ପାଟଣାଗଡ଼ ବ୍ଲକର ସୁବର୍ଣ୍ଣରେଖା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଉପର ଲାନ୍ଥ ଜଳସେଚନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ନଦୀ ବନ୍ଧର ଖାଲି ସ୍ଥାନକୁ ତୁରନ୍ତ ବନ୍ଦ କରି କାର୍ଯ୍ୟ ଶେଷ କରିବାକୁ ସେ କ୍ଷେତ୍ରୀୟ କର୍ମଚାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଏହାସହ ମାୟାବତୀ ନଦୀ ଉପରେ ନିର୍ମିତ ବେରହାମପୁରା ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ସେତୁର ମଧ ସେ ଯାଂଚ କରିଥିଲେ । ନଦୀ ଜଳକୁ ସଂଚୟ କରି ଜଳସେଚନ ଏବଂ ପାନୀୟ ଜଳ ଯୋଗାଣ ପାଇଁ ସେତୁ ଗୁଡ଼ିକରେ ଶଟର୍ ଲଗାଇବା ପାଇଁ ସେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ମାଲକାନଗିରି ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ ଆସ ବହିଟିଏ କିଣିବା ଅଭିଯାନ

ମାଲକାନଗିରି, ୯ ଏପ୍ରିଲ୍ (ହି.ସ.)- ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହେଉଥିବା ଓଡ଼ିଆ ଭାଷା ପକ୍ଷର ନବମ ଦିବସ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆସ ବହିଟିଏ କିଣିବା ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ପୁସ୍ତକ ପଠନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଅଭିଯାନକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମୁଖରେ ଆୟୋଜିତ ଏହି ସ୍ୱତନ୍ତ୍ର ପୁସ୍ତକ ଷ୍ଟଲରେ ସ୍ଥାନୀୟ ବିକ୍ରେତା ରାମ କୃଷ୍ଣ ଚୌଧୁରୀଙ୍କ ଦ୍ୱାରା ବିଭିନ୍ନ ରୁଚିର ପୁସ୍ତକ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଥିଲେ ଯେ, ପୁସ୍ତକ ହେଉଛି ଜ୍ଞାନର ଆଲୋକ ଏବଂ ଆମ ସଂସ୍କୃତିର ପ୍ରକୃତ ପ୍ରତିଫଳନ । ବିଶେଷ କରି ଛାତ୍ରଛାତ୍ରୀମାନେ ବହି ସହ ବନ୍ଧୁତା କଲେ ଏକ ସମୃଦ୍ଧ ସମାଜ ଗଠନ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପୁସ୍ତକ କ୍ରୟ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ପ୍ରଶାସନର ଏହି ପଦକ୍ଷେପକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ନିଜ ପସନ୍ଦର ବହି କିଣିବା ସହ ପଠନ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ ।

## ବାସୁଦେବ ମେଲଣ ମହୋତ୍ସବରେ ମୁକ୍ତମଂଚ ନାଟକ ଆୟୋଜନ

କେନ୍ଦ୍ରାପଡ଼ା, ୧୦/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ କିଣିଲୋ ଗ୍ରାମରେ ବାସୁଦେବ ମେଲଣ ମହୋତ୍ସବ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଚୈତ୍ର ପୂର୍ଣ୍ଣିମା ରେ ଏହି ସୋତନ୍ତ୍ର ଭାଗବତ ମେଲଣକୁ ନେଇ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବାସୁଦେବ ଯୁବ ପରିଷଦ ଡ୍ରାମାଟିକ କ୍ଲବ୍ ଦ୍ୱାରା ଦୁଇ ରଜନୀ ଧରି ମୁକ୍ତମଂଚ ନାଟକ ପ୍ରଦର୍ଶିତ ହୋଇଥିଲା । ପ୍ରଥମ ରଜନୀରେ "ଏ କେମିତିକା ସମ୍ପର୍କ" ନାମକ ନାଟକ ଓ ଦ୍ୱିତୀୟ ରଜନୀରେ "ପୁଅ ଜନ୍ମ କରି ପାପ କରିଚି" ନାଟକ ମଂଚସ୍ଥ ହୋଇଥିଲା । ଉଭୟ ନାଟକକୁ ଶ୍ରୀପତି ଲେଙ୍କା ନିର୍ଦ୍ଦେଶନା ଦେଇଥିବା ବେଳେ ଭରଦ୍ୱାଜ ଓଝା ସଙ୍ଗୀତର ଭାର ସମ୍ଭାଳି ଥିଲେ ।

# ସୌନ୍ଦର୍ଯ୍ୟ ବୃଦ୍ଧିରେ ଗ୍ଲିସେରିନ୍ : ଜାଣନ୍ତୁ କିପରି କରିବେ ବ୍ୟବହାର



ମହିଳାମାନେ ସବୁବେଳେ ସୁନ୍ଦର ଦେଖାଯିବାକୁ ବିଭିନ୍ନ ଉପାୟ ଆପଣାନ୍ତି । ସେଥିପାଇଁ ବିଭିନ୍ନ ପ୍ରକାରର ପ୍ରସାଧନ ବ୍ୟବହାର କରିବା ସହ ବିଭିନ୍ନ ଉପଚାର କରିଥାନ୍ତି । ଶରୀରକୁ ସୁନ୍ଦର କରିବାରେ ଗ୍ଲିସେରିନର ଭୂମିକା ଅନେକ ରହିଛି । ଜାଣନ୍ତୁ ସୌନ୍ଦର୍ଯ୍ୟକୁ ଏହାକୁ ବ୍ୟବହାର କରିବେ କିପରି ?

କ୍ଲିସେରିନକୁ କେବେ ସିଧାସଳଖ ବ୍ୟବହାର କରନ୍ତୁ ନାହିଁ । ବରଂ ଏହାକୁ ଗୋଲାପ ଜଳ କିମ୍ବା ମିନେରାଲ ୱାଟରରେ ମିଶାଇ ବ୍ୟବହାର କରନ୍ତୁ । ଗ୍ଲିସେରିନକୁ ମୁହଁରେ ଲଗାଇବା ପୂର୍ବରୁ ମୁହଁକୁ ଭଲଭାବେ ଧୋଇନିଅନ୍ତୁ । ଏହାପରେ ତୁଳାରେ କିଛି ବୁନ୍ଦା ନେଇ ମୁହଁରେ ମସାଜ୍ କରନ୍ତୁ । କିଛି ସମୟ ରଖିବା ପରେ ମୁହଁକୁ ସାଧା ପାଣିରେ ଧୋଇଦିଅନ୍ତୁ । ତ୍ୱଚା କୋମଳ ରହିବ । ୧୦୦ ଗ୍ରାମ ଗୋଲାପ ଜଳ ସହିତ ୧ ଚାମଚ ଗ୍ଲିସେରିନ୍ ମିଶାଇ ବେତଲର ଠିପି ବନ୍ଦ କରି ଫ୍ରିଜରେ ରଖିଦିଅନ୍ତୁ । ଏହି ଲୋସନକୁ ହାତ, ଗୋଡ, କିମ୍ବା ଶୁଷ୍କ ତ୍ୱଚାରେ ବ୍ୟବହାର କରନ୍ତୁ । ଯଦି ମୁହଁରେ ଚର୍ମ ଶୁଷ୍କ ହୋଇଯାଉଛି, ତାହେଲେ ଅଧା ଚାମଚ ଗ୍ଲିସେରିନ୍ ସହିତ ୧ ଚାମଚ ଗୋଲାପ ଜଳ ଓ ୧ ଚାମଚ ମିଲ୍କ ପାଉଡର ମିଶାନ୍ତୁ । ଏହାକୁ ଭଲଭାବେ ମୁହଁରେ ଲଗାନ୍ତୁ । ୫ ମିନିଟ୍ ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ । ମୁହଁ ରୁକ୍ଷ ଓ ଶୁଷ୍କ ହେବାରୁ ରକ୍ଷା ପାଇବ ନିଶ୍ଚୟ ।




# ଠିଆ ହୋଇ ଖାଉଥିଲେ ସାବଧାନ ! ହୋଇପାରେ ଏହି ସବୁ ଗୁରୁତର ସମସ୍ୟା



ଆଜିକାଲି ମଣିଷ ଏତେମାତ୍ରାରେ ବ୍ୟସ୍ତ ଯେ, କୌଣସି କାମରେ ଆଉ ସେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରିବାକୁ ଇଚ୍ଛା କରୁନାହିଁ । ଏହି ପରିପେକ୍ଷୀରେ ଠିଆ ହୋଇ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପରିଣତ ହେଲାଣି । ଯେଭଳି ଠିଆ ହୋଇ ପାଣି ପିଇବା ଯେପରି ହାନିକାରକ, ସେହିଭଳି ଠିଆ ହୋଇ ମଧ୍ୟ ଖାଇବା ମଧ୍ୟ ପାଚନତନ୍ତ୍ର ପାଇଁ କ୍ଷତିକାରକ ହୋଇଥାଏ । ଯେତେବେଳେ ଆମେ ଠିଆ ହୋଇ ଖାଦ୍ୟ ଖାଇଥାଉ ଏହାର ପରିମାଣ ସ୍ୱରୁପ ଆମେ ଜାଣିପାରୁ ନ ଥାଉ ପେଟ ଭରିଛି କି ନାହିଁ । ଠିଆ ହୋଇ ଖାଇବା ଦ୍ୱାରା ସମୟ କମିଯାଇପାରେ, କିନ୍ତୁ ଏଥିପାଇଁ ଆପଣ ଅନେକ ରୋଗର ଶିକାର ହୋଇପାରନ୍ତି ।

ଅଧିକ ଭୋକ ଲାଗିଥାଏ: ଯେଉଁ ଲୋକମାନେ ଠିଆ ହୋଇ ଖାଦ୍ୟ ଖାଆନ୍ତି ସେମାନଙ୍କୁ ଅଧିକ ଭୋକ କରିଥାଏ । କାରଣ ଖାଦ୍ୟ ଶୀଘ୍ର ହଜମ ହୋଇ ଅଧିକ ଭୋକ କରିଥାଏ । ଆବଶ୍ୟକତାଠାରୁ ଅଧିକ ଖାଇବା ଯୋଗୁଁ ଏହା ଅନ୍ୟ ରୋଗଗୁଡିକ ଡାକି ଆଣେ ।

ପାଚନକୁ ପ୍ରଭାବିତ କରିଥାଏ: ଠିଆହୋଇ ଖାଦ୍ୟ ଖାଇବା ଦ୍ୱାରା ଜଣେ ଖାଦ୍ୟକୁ କମ୍ ଚୋବାଇ ଥାନ୍ତି । ଖାଦ୍ୟ ଶୀଘ୍ର ପାଚନତନ୍ତ୍ରକୁ ଆସିବା ଦ୍ୱାରା ଏଥିରୁ ପୋଷକତତ୍ତ୍ୱ ମଧ୍ୟ ଠିକ୍ ଭାବେ ଅବଶୋଷିତ ହୋଇପାରେ ନାହିଁ । ଏଥିଯୋଗୁଁ ଗ୍ୟାସ୍ ଓ ଏସିଡିଟି ସମସ୍ୟା ଦେଖାଯାଇଥାଏ ।

ମେଦବୃଦ୍ଧି: ଯେତେବେଳେ ଆମେ ଭୂମି ଉପରେ ବସି ଖାଦ୍ୟଗ୍ରହଣ କରୁ, ସେତେବେଳେ ଜଣେ କେବଳ ଖାଦ୍ୟ ଉପରେ ମନୋନିବେଶ କରିଥାଏ । ଠିଆ ହୋଇ ଖାଇବାବେଳେ ଜଣେ ଏତେତେଣେ ବୁଲୁଥାଏ, ଖାଦ୍ୟରେ ମନ ନଥାଏ । ଫଳରେ ଜଣେ ଆବଶ୍ୟକତାଠାରୁ ଅଧିକ ଖାଇଥାଏ । ଏଥିଯୋଗୁଁ ଜଣେ ମେଦବୃଦ୍ଧିରେ ଆକ୍ରାନ୍ତ ହୋଇପାରନ୍ତି ।

# ପତଳା ହେବାକୁ ରାତି ଖାଇବା ବନ୍ଦ କରୁଛନ୍ତି କି ? ହୋଇପାରେ ମାରାତ୍ମକ ସମସ୍ୟା



ଅନେକ ଲୋକ ଓଜନ କମାଇବାକୁ ବିଭିନ୍ନ ପ୍ରକାର ଉପାୟ ଆପଣାଉଛନ୍ତି । ଏହା ସହ କିଛି ଲୋକ ଓଜନ କମାଇବାକୁ ରାତି ଖାଇବାକୁ ବନ୍ଦ କରିଦେଉଛନ୍ତି । ହେଲେ ଏହାଦ୍ୱାରା ଶରୀର ପାଇଁ କେତେ ସମସ୍ୟା ସୃଷ୍ଟିହୁଏ ତାହା ଜାଣିଲେ ବୋଧହୁଏ କେହି ଏପରି ଭୁଲ କରିବେ ନାହିଁ ।

ରାତି ଖାଇବା ଛାଡିବା ଦ୍ୱାରା ଶରୀର ଦୁର୍ବଳ ହେବା ସହ ଗୁରୁତର ରୋଗ ସୃଷ୍ଟି ହୁଏ । ରାତିରେ ଖାଇବା ବନ୍ଦ କଲେ ନିଦ ଠିକ ଭାବେ ହୁଏ ନାହିଁ । କାରଣ ରାତି ବଢିବା ସହ ପେଟରେ ଖାଦ୍ୟ ନଥିବାରୁ ଭୋ୍ ଲାଗିଥାଏ । ଫଳରେ ନିଦରେ ବାଧା ସୃଷ୍ଟି ହୋଇଥାଏ । ଠିକ ଭାବେ ନିଦ ନହେବା କାରଣରୁ ଏହାର ପ୍ରଭାବ ପୁରା ଶରୀର ଉପରେ ପଡିଥାଏ ।

ଅଧିକାଂଶ ସମୟରେ ଲୋକେ ନିଜର ଓଜନ କମ କରିବା ପାଇଁ ରାତି ଖାଦ୍ୟ ଛାଡିଥାନ୍ତି । ଏହାଦ୍ୱାରା ଶରୀର ଧିରେ ଧିରେ ଦୁର୍ବଳ ହୋଇଯାଏ । ତେଣୁ ରାତି ଖାଦ୍ୟ କେବେବି କ କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ସହ ମାନସିକ ସ୍ତରରେ ମଧ୍ୟ ଏହାର କୁପ୍ରଭାବ ପଡିଥାଏ ।

ରାତିରେ ଖାଦ୍ୟ ନଖାଇବା ଦ୍ୱାରା ପେଟ ଦରଜ ସମସ୍ୟା ସୃଷ୍ଟି ହୁଏ । ବରଂ ରାତି ଖାଦ୍ୟ ନଛାଡି ଓଜନ କମାଇବାକୁ ଫାଇବର ଯୁକ୍ତ ହାଲକା ଖାଦ୍ୟ ଗ୍ରହଣ କରନ୍ତୁ ।

ଶରୀରକୁ ସ୍ଲିମ ରଖିବାକୁ ଓ ମୋଟାପଣ କମ କରିବାକୁ ରାତି ଖାଦ୍ୟ ନଖାଇବା ସମାଧାନର ବାଟ ନୁହେଁ । ରାତି ଖାଦ୍ୟ ନଖାଇଲେ ଓଜନ ସିନା କମିଯାଏ ହେଲେ କୁପୋଷଣ ଭଳି ସମସ୍ୟା ସୃଷ୍ଟି ହୁଏ ।

ତେଣୁ ଫିଟ ରହିବାକୁ ଚାହୁଁଥିଲେ ଓ ଓଜନ କମାଇବାକୁ ଚାହୁଁଥିଲେ ଠିକ୍ ସମୟରେ ଉଚିତ ପରିମାଣର ଖାଦ୍ୟ ଖାଇବା ସହ ଶରୀରିକ ପରିଶ୍ରମ ତଥା ଯୋଗ ପ୍ରାଣାୟାମ କରିବାକୁ ନିଜ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସାମିଲ କରନ୍ତୁ । ଏହା ହିଁ ସର୍ବୋତ୍କୃଷ୍ଟ ଉପାୟ ।

# ଜୋତା ଦ୍ୱାରା ପ୍ରଭାବିତ ହୁଏ ସ୍ୱାସ୍ଥ୍ୟ: ଏ ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ କଥା

ଅନେକ ସମୟରେ ଅଧିକାଂଶ ଲୋକେ ଜୋତା ବାହାର ନକରି ଘର ଭିତରକୁ ଚାଲିଆସନ୍ତି । କେବଳ ଆଧାତ୍ମିକ ଦୃଷ୍ଟିରୁ ନୁହେଁ ବରଂ ବିଜ୍ଞାନ ସମ୍ମତ କାରଣରୁ ମଧ୍ୟ ଏହା କ୍ଷତିକାରକ । ଏହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ଜୋତା ମାଧ୍ୟମରେ ଅନେକ ଜୀବାଣୁ ଘର ଭିରକୁ ପ୍ରବେଶ କରିବା ସହ ଅନେକ ପ୍ରକାର ରୋଗ ମଧ୍ୟ ଦେଖାଯାଏ । ଆରିଜୋନା ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ବାହାରେ ପିନ୍ଧାଯାଉଥିବା ଜୋତାରେ ପାଖାପାଖି ୪୦ ହଜାରରୁ ଅଧିକ ବ୍ୟାକ୍ଟେରିଆ ଥାଆନ୍ତି । ଏହି ଜୀବାଣୁ ମଣିଷର ରକ୍ତ ଓ ପଶୁମାନଙ୍କ ମଳରେ ଥାଏ । ଏହାବ୍ୟତୀତ ୬ଟି ହାନୀକାରକ ବ୍ୟାକ୍ଟେରିଆ ହେଉଛି ଇ-କୋଲି, କ୍ଲେବସିଏଲା, ନିମୋନିଆ, ସେରାଟିୟା, ଓ ଫକିରିଆ ପରି ବ୍ୟାକ୍ଟେରିଆ। ଏହି ସବୁ ଜୀବାଣୁ ଜୋତା ଦ୍ୱାରା ଘର ଭିତରେ ପ୍ରବେଶ କରି ଖାଦ୍ୟ ପଦାର୍ଥ, ପାଣି, ଆସବାବପତ୍ର ଓ





ପୋଷାକରେ ଲାଗିଯାନ୍ତି । ଫଳରେ ନିଃଶ୍ୱାସ ଜନିତ ରୋଗ ସହ ୟୁରିନ୍ ଇନଫେକ୍ସନ୍, ଲିଭର ସଂକ୍ରମଣ ଓ ତ୍ୱଚାରେ ସମସ୍ୟା ଦେଖାଯାଏ । ଆମେରିକା ସ୍ଥିତ 'ଏନଭାଇରନମେଣ୍ଟ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି' ଦ୍ୱାରା କରାଯାଇଥିବା ଆଉ ଏକ ଗବେଷଣାରୁ ଜଣାପଡିଛି ଯେ, ବାହାରେ ପିନ୍ଧାଯାଉଥିବା ଜୋତାରେ ଏକ ପ୍ରକାର ଟକ୍ସିନ୍ ଥାଏ, ଯାହାକି ଅବସାଦ,ହଜମ ସମ୍ପର୍କିତ ସମସ୍ୟା ସୃଷ୍ଟି କରେ । ଏହାସହ ଦୃଷ୍ଟି ଶକ୍ତି ଉପରେ ମଧ୍ୟ ପ୍ରଭାବ ପକାଏ । ତେଣୁ ବାହାରେ ବ୍ୟବହାର କରୁଥିବା ଜୋତାକୁ କେବିବି ଘର ଭିତରକୁ ଆଣନ୍ତୁ ନାହିଁ । କେବଳ ଏତିକି ନୁହେଁ ଘର ଭିତରକୁ ପ୍ରବେଶ କରିବା ପୂର୍ବରୁ ଗୋଡ ଧୋଇ ପ୍ରବେଶ କରିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତୁ ।

# ପରିସ୍ରାରେ ରକ୍ତ ପଡ଼ିବା କେତେ କ୍ଷତିକାରକ ? କେଉଁ ରୋଗର ଲକ୍ଷଣ ଚିହ୍ନାଏ ଏବଂ ଖାମଖିଆଲ କଲେ ଏହା ଶରୀରକୁ କେତେ କ୍ଷତି ପହଞ୍ଚାଏ , ଜାଣିରଖନ୍ତୁ



ଯୌନାଙ୍ଗ ସମ୍ବନ୍ଧୀତ ସମସ୍ୟାକୁ ଲାଜ ଭାବି ଆମେ ଅନ୍ୟ ଆଗରେ ପ୍ରକାଶ କରିବାକୁ ବେଳେବେଳେ କୁଣ୍ଠାବୋଧ କରୁ । ଖାଲି ଏତିକି ନୁହେଁ ଡାକ୍ତରଙ୍କ ପରାମର୍ଶ ନେବାକୁ ଗଲା ବେଳେ ବି ଆଜି ଯିବି କାଲି ଯିବି କହି ସମୟ ଗଡ଼ାଉ । କିନ୍ତୁ ଏଭଳି କରିବା ଯେ ପରମୁହୂର୍ତ୍ତରେ ନିଜକୁ ଭାରି ପଡ଼ିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସମୟ ଥାଉ ଥାଉ ସମସ୍ୟାର ସମାଧାନ ନ ଖୋଜିଲେ ନେଡ଼ି ଗୋଡ଼ କହୁଣିକୁ ବୋହିଗଲା ଭଳି ସାର ହେବ । ବ୍ରିଟେନର ଜଣାଶୁଣା ଡାକ୍ତର ମିରିୟମ୍ ଷ୍ଟୋପାର୍ଡଙ୍କ ମୁତାବକ , କିଛି ଲୋକଙ୍କ ୟୁରିନରେ ରକ୍ତ ବାହାରିବା ଭଳି ସମସ୍ୟା ଦେଖାଯାଏ । ଯାହା ଏକ ଗମ୍ଭୀର ରୋଗର ଲକ୍ଷଣ ମଧ୍ୟ ହୋଇଥାଇପାରେ ତେଣୁ ପରିସ୍ରା କରିବା ସମୟରେ ଆମକୁ ଏ ବିଷୟରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଡାକ୍ତର ଷ୍ଟୋପାର୍ଡ ଏକ ଆର୍ଟିକଲରେ ଲେଖିଛନ୍ତି ଯେ , ଜଣେ ବାନ୍ଧବୀ ବ୍ୟତିବ୍ୟସ୍ତ ହୋଇ ତାଙ୍କୁ ଥରେ ଫୋନ୍ କରି ପରିସ୍ରାରେ ରକ୍ତ ଆସୁଥିବା କଥା କହିଥିଲେ । ଷ୍ଟୋପାର୍ଡ ତାଙ୍କୁ ପ୍ରଶ୍ନ କରିଥିଲେ ଯେ , କ'ଣ ସେ ଖାଦ୍ୟରେ ବିଟ୍ ଖାଇଥିଲେ ? ବାନ୍ଧବୀଙ୍କ ଉତ୍ତର ଥିଲା ହଁ । ଏହାର ଉତ୍ତରରେ ସେ କହିଥିଲେ ଯେ ବେଳେବେଳେ ବିଟ୍ ଖାଇବା ପରେ ପରିସ୍ରାର ରଙ୍ଗ ଗୋଲାପୀ ହୋଇଯାଏ ଯାହା ରକ୍ତ ଭଳି ଦେଖାଯାଏ । ବିଟ୍ ର ରଙ୍ଗ ଲାଲ୍ ହେବା କାରଣରୁ ଏହା ପରିସ୍ରାରେ ସମାନ ମାତ୍ରାରେ ଖେଳେଇ ହୋଇଯାଏ । ଯେତେବେଳେ ପରିସ୍ରା , ପ୍ରୋଷ୍ଟେଟ୍ ବା କିଡନି କ୍ୟାନ୍ସରର ପରୀକ୍ଷା କରାଯାଏ । ଅସଲ ସମସ୍ୟା କ'ଣ ଜଣାପଡିଥାଏ । ବ୍ଲେଡର୍ କ୍ୟାନ୍ସରର ସାଧାରଣ ଲକ୍ଷଣ ହେଉଛି ପରିସ୍ରାରେ ରକ୍ତ ଆସିବା । ଯାହାକୁ 'ହିମେଟ୍ୟୁରିଆ' ମଧ୍ୟ କୁହାଯାଏ । ଡାକ୍ତରଙ୍କ କହିବାନୁସାରେ , ବ୍ଲେଡର୍ କ୍ୟାନ୍ସରରେ ପାଖାପାଖି ୮୦ % ରୋଗୀଙ୍କ ମଧ୍ୟରେ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ଯେଉଁ ବ୍ୟକ୍ତିଙ୍କ ପରିସ୍ରାରେ ରକ୍ତ ଆସୁଛି ସେ ବ୍ଲେଡର୍ କ୍ୟାନ୍ସରରେ ପୀଡ଼ିତ ଅଛନ୍ତି ବୋଲି କିଛି ମାନେ ନାହିଁ । ଏହାର ଅନ୍ୟ କିଛି କାରଣ ମଧ୍ୟ ହୋଇଥାଇପାରେ । ବଢୁଥିବା ପ୍ରୋଷ୍ଟେଟ୍ , ପରିସ୍ରାମାର୍ଗରେ ସଂକ୍ରମଣ (ୟୁଟିଆଇ) କିମ୍ବା ଅଧିକ ବ୍ୟାୟାମ କାରଣରୁ ମଧ୍ୟ ଏଭଳି ସମସ୍ୟା ଦେଖାଦେଇଥାଏ । ୟୁଟିଆଇର ସଂକେତ ପରିସ୍ରା କରିବାରେ କଷ୍ଟ ,ପରିସ୍ରା ରଙ୍ଗ ପରିବର୍ତ୍ତନ ,ବାରମ୍ବାର ପରିସ୍ରା ଲାଗିବା ଏବଂ ରୋକି ନ ପାରିବା ଭଳି ସମସ୍ୟା ହୋଇଥାଇପାରେ । ବ୍ୟାୟାମ , ଦୌଡ଼ , ସନ୍ତରଣର ମାତ୍ରା ଅଧିକ ସମୟ ଧରି କରିଲେ ମଧ୍ୟ ପରିସ୍ରାରେ ରକ୍ତ ବାହାରିଥାଏ । ଏହା ଦିନେ , ୨ ଦିନ ଭିତରେ ଠିକ୍ ମଧ୍ୟ ହୋଇଯାଏ । କିଛି ଖାଦ୍ୟ କିମ୍ବା ଔଷଧ କାରଣରୁ ମଧ୍ୟ ପରିସ୍ରାର ରଙ୍ଗ ଲାଲ୍ ହୋଇଯାଏ । ବ୍ଲାକବେରୀ , ବିଟ୍ , ରେଡଫୁଡ୍ ଭଳି ଖାଦ୍ୟପଦାର୍ଥ ଖାଇଲେ ପରିସ୍ରାର ରଙ୍ଗ ଗୋଲାପୀ କିମ୍ବା ନାଲି ହୋଇଯାଏ ।

# ଆଇଟି ନିୟମରେ ପ୍ରସ୍ତାବିତ ସଂଶୋଧନ : ଡିଜିଟାଲ୍ ସ୍ୱେଚ୍ଛାଚାରିତା ଆଡ଼କୁ ଏକ ବିପଜ୍ଜନକ ପଦକ୍ଷେପ

ଗଣତନ୍ତ୍ରରେ ସରକାରଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇବା, ସମାଲୋଚନା କରିବା ଏବଂ ସଠିକ୍ ତଥ୍ୟ ଜାଣିବା ପ୍ରତ୍ୟେକ ନାଗରିକଙ୍କର ଏକ ଅବିଚ୍ଛେଦ୍ୟ ମୌଳିକ ଅଧିକାର । କିନ୍ତୁ ସାମ୍ପ୍ରତିକ ସମୟରେ ଭାରତ ସରକାର ନିଜର ଆଭିମୁଖ୍ୟ ଏବଂ ନୀତିଗୁଡ଼ିକୁ ଜନସାଧାରଣଙ୍କ ସମାଲୋଚନାରୁ ବଞ୍ଚାଇବା ପାଇଁ ଡିଜିଟାଲ୍ ମାଧ୍ୟମଗୁଡ଼ିକ ଉପରେ ନିୟନ୍ତ୍ରଣକୁ କ୍ରମାଗତ ଭାବେ କଡ଼ାକଡ଼ି କରୁଥିବା ଦେଖିବାକୁ ମିଳୁଛି । ମାର୍ଚ୍ଚ ୩୦, ୨୦୨୬ ତାରିଖରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ମାଇଟି) ପକ୍ଷରୁ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ନିୟମ, ୨୦୨୧ରେ ଯେଉଁ ନୂତନ ସଂଶୋଧନ ପ୍ରସ୍ତାବ ଆଗତ କରାଯାଇଛି, ତାହା ଦେଶର ବାକ୍ ସ୍ୱାଧୀନତା ଏବଂ ଡିଜିଟାଲ୍ ଅଧିକାର କ୍ଷେତ୍ରରେ ଏକ ବଡ଼ ଝଡ଼ ସୃଷ୍ଟି କରିଛି । ଏହି ପ୍ରସ୍ତାବିତ ସଂଶୋଧନର ଏକ ଲକ୍ଷ୍ୟ ହେଉଛି 'ଏକ୍ସ' (ପୂର୍ବରୁ ଟ୍ୱିଟର) ଭଳି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଥିବା 'କମ୍ୟୁନିଟି ନୋଟ୍ସ' ବା ଗୋଷ୍ଠୀଗତ ତଥ୍ୟ-ଯାଞ୍ଚ ବ୍ୟବସ୍ଥାକୁ ସିଧାସଳଖ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ନିୟନ୍ତ୍ରଣ ପରିସରଭୁକ୍ତ କରିବା । ଏହାର ସରଳ ଅର୍ଥ ହେଉଛି, ଯଦି କୌଣସି ସରକାରୀ ଦାବି, କ୍ଷମତାସୀନ ନେତା ବା ମନ୍ତ୍ରୀଙ୍କ ବକ୍ତବ୍ୟକୁ ସାଧାରଣ ୟୁଜରମାନେ ତଥ୍ୟଭିତ୍ତିକ ପ୍ରମାଣ ସହ ଭୁଲ୍ ବୋଲି ଦର୍ଶାନ୍ତି, ତେବେ ସରକାର ସେହି ତଥ୍ୟ-ଯାଞ୍ଚ ବା 'କମ୍ୟୁନିଟି ନୋଟ୍'କୁ ହଟାଇବା ପାଇଁ ପ୍ଲାଟଫର୍ମକୁ ଆଇନଗତ ନିର୍ଦ୍ଦେଶ ଦେଇପାରିବେ । ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ନିଜେ ସତ୍ୟର ଏକମାତ୍ର ବିଚାରପତି ସାଜିବା ଏବଂ ନିଜ ବିରୋଧରେ ଯାଉଥିବା ସତ୍ୟକୁ ଲୁଚାଇବା ଅତ୍ୟନ୍ତ ବିପଜ୍ଜନକ ପ୍ରବୃତ୍ତି ଅଟେ । ଏହି ନିଷ୍ପତ୍ତି କେବଳ ଡିଜିଟାଲ୍ ପ୍ଲାଟଫର୍ମର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରୁନାହିଁ, ବରଂ ଏହା ଏକ ସ୍ୱେଚ୍ଛାଚାରୀ ଶାସନ ବ୍ୟବସ୍ଥାର ପଦଧ୍ୱନି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରୁଛନ୍ତି ।

ଏହି ନୂତନ ସଂଶୋଧନର ପୃଷ୍ଠଭୂମିକୁ ବୁଝିବାକୁ ହେଲେ 'କମ୍ୟୁନିଟି ନୋଟ୍ସ'ର କାର୍ଯ୍ୟଶୈଳୀକୁ ବିଶ୍ଳେଷଣ କରିବା ନିତାନ୍ତ ଆବଶ୍ୟକ । ଏକ୍ସ ପ୍ଲାଟଫର୍ମରେ ଥିବା ଏହି ବ୍ୟବସ୍ଥାଟି ଏକ ବିକେନ୍ଦ୍ରୀକୃତ ଏବଂ ୟୁଜରଙ୍କ ଦ୍ୱାରା ପରିଚାଳିତ ଏକ ଓପନ୍-ସୋର୍ସ ଆଲଗୋରିଦମ୍ ଉପରେ ଆଧାରିତ । ଯେତେବେଳେ କୌଣସି ପ୍ରଭାବଶାଳୀ ବ୍ୟକ୍ତି ବା ସଂସ୍ଥା ଏକ ଭ୍ରାମକ କିମ୍ବା ଅସମ୍ପୂର୍ଣ୍ଣ ତଥ୍ୟ ପୋଷ୍ଟ କରନ୍ତି, ସେତେବେଳେ ଅନ୍ୟ ସ୍ୱାଧୀନ ୟୁଜରମାନେ ସେହି ପୋଷ୍ଟ ତଳେ ସଠିକ୍ ପ୍ରସଙ୍ଗ ଏବଂ ପ୍ରମାଣ ସହ ଏକ ନୋଟ୍ ଯୋଡ଼ିଥାନ୍ତି । ଏହାଦ୍ୱାରା ମୂଳ ପୋଷ୍ଟଟି ଡିଲିଟ୍ ନହୋଇ ମଧ୍ୟ ପାଠକମାନଙ୍କୁ ପ୍ରକୃତ ସତ୍ୟ ଜାଣିବାର ସୁଯୋଗ ମିଳିଥାଏ, ଯାହାକି ସୂଚନା ସାକ୍ଷରତା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ବିଭିନ୍ନ ରିପୋର୍ଟ୍ ଅନୁସାରେ ଚଳିତ ବର୍ଷ ଆରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ଅନେକ ବରିଷ୍ଠ ବିଜେପି ନେତାଙ୍କ ବିଭିନ୍ନ ପୋଷ୍ଟରେ ଏକ୍ସର କମ୍ୟୁନିଟି ନୋଟ୍ସ ଲାଗିଥିଲା, ଯାହା ସେମାନଙ୍କ ଦାବିକୁ ଭୁଲ୍ କିମ୍ବା ଅତିରଞ୍ଜିତ ବୋଲି ସର୍ବସମ୍ମୁଖରେ ପ୍ରମାଣିତ କରିଥିଲା । ଏହି ଘଟଣାଗୁଡ଼ିକ ସରକାରଙ୍କ ପାଇଁ ଏକ ଅତ୍ୟନ୍ତ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରିଥିଲା ଏବଂ ସରକାର ଏହି ନୋଟ୍ସଗୁଡ଼ିକୁ ହଟାଇବା ପାଇଁ ପ୍ଲାଟଫର୍ମ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ । ଏହି ରାଜନୈତିକ ଅସ୍ୱସ୍ତିକୁ ଏଡ଼ାଇବା ପାଇଁ ଏବଂ ସରକାରୀ ବର୍ଣ୍ଣନା ବା ନାରେଟିଭ୍ ?କୁ ବିନା କୌଣସି ପ୍ରତିବନ୍ଧକରେ ପ୍ରସାରିତ କରିବା ଉଦ୍ଦେଶ୍ୟରେ ହିଁ ତରବରିଆ ଭାବେ ଏହି ସଂଶୋଧନ ଅଣାଯାଉଛି ବୋଲି ସ୍ପଷ୍ଟ ପ୍ରତୀୟମାନ ହେଉଛି । ପ୍ରସ୍ତାବିତ ନିୟମର ବ୍ୟାପକ ରୂପରେଖ ଅନୁଯାୟୀ, ଯଦି କୌଣସି କମ୍ୟୁନିଟି ନୋଟ୍ ଖବର, ରାଜନୀତି କିମ୍ବା ସରକାରୀ ନୀତି ସମ୍ବନ୍ଧୀୟ ହୋଇଥାଏ ଏବଂ ସରକାର ତାହାକୁ ବେଆଇନ ମନେ କରନ୍ତି, ତେବେ ସେମାନେ ଏହାକୁ ତୁରନ୍ତ ହଟାଇବା ବା ବ୍ଲକ୍ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ, ଯାହାକି ପ୍ଲାଟଫର୍ମ ପାଇଁ ବାଧ୍ୟତାମୂଳକ ହେବ ।

ଏହି ସଂଶୋଧନ ପ୍ରକ୍ରିୟାରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ଉଦ୍‌ବେଗଜନକ ବିଷୟ ହେଉଛି ଏହାର ସମୟସୀମା ଏବଂ ସରକାରଙ୍କ ଅତ୍ୟନ୍ତ ତରବରିଆ ପଦକ୍ଷେପ । ମାର୍ଚ୍ଚ ୩୦ ତାରିଖରେ ପ୍ରକାଶିତ ଏହି ଚିଠା ନିୟମାବଳୀ ଉପରେ ଜନସାଧାରଣଙ୍କ ମତାମତ ଗ୍ରହଣ କରିବା ପାଇଁ ମାତ୍ର ୧୫ ଦିନର ସମୟ ଅର୍ଥାତ୍ ଏପ୍ରିଲ୍ ୧୪ ପର୍ଯ୍ୟନ୍ତ ମହଲତ ଦିଆଯାଇଛି । ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ଦେଶ, ଯେଉଁଠାରେ ୮୦ କୋଟିରୁ ଅଧିକ ଇଣ୍ଟରନେଟ୍ ବ୍ୟବହାରକାରୀ ଅଛନ୍ତି ଏବଂ ଏକ୍ସ ଭଳି ପ୍ଲାଟଫର୍ମର କୋଟି କୋଟି ସକ୍ରିୟ ଗ୍ରାହକ ଅଛନ୍ତି, ସେଠାରେ ବାକ୍ ସ୍ୱାଧୀନତା ଏବଂ ଡିଜିଟାଲ୍ ନୀତି ଉପରେ ଏତେ ବଡ଼ ଏବଂ ଦୂରଗାମୀ ପ୍ରଭାବ ପକାଉଥିବା ଏକ ଆଇନ ପାଇଁ ମାତ୍ର ୧୫ ଦିନର ପରାମର୍ଶ ସମୟ ଅତ୍ୟନ୍ତ ଅପର୍ଯ୍ୟାପ୍ତ ଏବଂ ହାସ୍ୟାସ୍ପଦ ଅଟେ । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସରକାର ବ୍ୟାପକ ଆଲୋଚନା, ବିତର୍କ କିମ୍ବା ନାଗରିକ ସମାଜର ମତାମତକୁ କୌଣସି ଗୁରୁତ୍ୱ ନଦେଇ ନିଜର ଏକଚାଟିଆ ନିଷ୍ପତ୍ତିକୁ ଲୋକଙ୍କ ଉପରେ ଲଦି ଦେବାକୁ ଚାହୁଁଛନ୍ତି । ପରିସଂଖ୍ୟାନ ଏବଂ ବିଶ୍ୱସ୍ତରୀୟ ତଥ୍ୟ ଅନୁଯାୟୀ, ସାମାଜିକ ଗଣମାଧ୍ୟମରୁ କଣ୍ଟେଣ୍ଟ୍ ହଟାଇବା ପାଇଁ ସର୍ବାଧିକ ନିର୍ଦ୍ଦେଶ ଦେଉଥିବା ଦେଶଗୁଡ଼ିକର ତାଲିକାରେ ଭାରତ ସର୍ବଦା ଆଗଧାଡ଼ିରେ ରହିଆସିଛି । ପ୍ରତିବର୍ଷ ହଜାର ହଜାର ଟେକ୍-ଡାଉନ୍ ନୋଟିସ୍ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ଲାଟଫର୍ମକୁ ପଠାଯାଇଥାଏ । ବର୍ତ୍ତମାନ ଏହି ନୂତନ ନିୟମ ଲାଗୁ ହେଲେ, ସରକାର କେବଳ ସମାଲୋଚନାମୂଳକ ପୋଷ୍ଟଗୁଡ଼ିକୁ ହଟାଇବେ ନାହିଁ, ବରଂ ନିଜର ମିଥ୍ୟା ଦାବିଗୁଡ଼ିକୁ ପଦାରେ ପକାଉଥିବା ସତ୍ୟ ଏବଂ ତଥ୍ୟଭିତ୍ତିକ ପ୍ରମାଣଗୁଡ଼ିକୁ ମଧ୍ୟ ନିଶ୍ଚିହ୍ନ କରିଦେବେ ଯାହା ଫଳରେ ସାମାଜିକ ଗଣମାଧ୍ୟମରେ କେବଳ ସରକାରଙ୍କ ଦ୍ୱାରା ଅନୁମୋଦିତ ଏକପାଖିଆ ତଥ୍ୟ ହିଁ ଉପଲବ୍ଧ ହେବ, ଯାହାକି ଡିଜିଟାଲ୍ ସେନ୍ସରସିପ୍ ର ଏକ ଚରମ ରୂପ ।

ଏହି ପ୍ରସଙ୍ଗକୁ କେବଳ ଏକ ବିଚ୍ଛିନ୍ନ ଘଟଣା ଭାବରେ ଦେଖିବା ଆଦୌ ଠିକ୍ ହେବ ନାହିଁ; ବରଂ ଏହା ସରକାରଙ୍କ ଏକ ବୃହତ୍ତର ପ୍ରବୃତ୍ତିର ଅଂଶବିଶେଷ । ଆମକୁ ମନେ ରଖିବାକୁ ହେବ ଯେ, ଗତ ୨୦୨୩ ମସିହାରେ ଆଇଟି ନିୟମରେ ଅନୁରୂପ ଏକ ସଂଶୋଧନ କରାଯାଇ ପ୍ରେସ୍ ଇନଫରମେସନ୍ ବ୍ୟୁରୋ (ପିଆଇବି) ଅଧୀନରେ ଏକ ସରକାରୀ ଫ୍ୟାକ୍ଟ ଚେକିଂ ୟୁନିଟ୍ (ଏଫ୍‌ସିୟୁ) ଗଠନ କରିବାର ବ୍ୟବସ୍ଥା କରାଯାଇଥିଲା । ସେହି ବିବାଦୀୟ ନିୟମ ଅନୁଯାୟୀ, ସରକାରଙ୍କ ସମ୍ପର୍କରେ ଥିବା କୌଣସି ଖବରକୁ ଯଦି ଏହି ସରକାରୀ ୟୁନିଟ୍ 'ମିଥ୍ୟା ବା ଭ୍ରାମକ' ବୋଲି ଘୋଷଣା କରେ, ତେବେ ଇଣ୍ଟରନେଟ୍ ସେବା ପ୍ରଦାନକାରୀ ଏବଂ ସୋସିଆଲ୍ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ତାହା ବାଧ୍ୟତାମୂଳକ ଭାବେ ନିଜ ପ୍ଲାଟଫର୍ମରୁ ହଟାଇବାକୁ ପଡ଼ିବ । କିନ୍ତୁ ଏହି ନିୟମ ବିରୋଧରେ କୋର୍ଟରେ ଚ୍ୟାଲେଞ୍ଜ କରାଯିବା ପରେ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ ଏହା ଉପରେ ରୋକ୍ ଲଗାଇଥିଲେ ଏବଂ ବମ୍ବେ ହାଇକୋର୍ଟରେ ଏହାକୁ ନେଇ ବିସ୍ତୃତ ଶୁଣାଣି ମଧ୍ୟ ହୋଇଥିଲା । ନ୍ୟାୟାଳୟଙ୍କ ଦ୍ୱାରା ବାରମ୍ବାର ପ୍ରତିବନ୍ଧକର ସମ୍ମୁଖୀନ ହେବା ପରେ ମଧ୍ୟ ସରକାର ନିଜର ଜିଦ୍ ଛାଡ଼ିନାହାନ୍ତି । ଏବେକାର ୨୦୨୬ ମସିହାର ପ୍ରସ୍ତାବିତ ସଂଶୋଧନ ହେଉଛି ସେହି ପୁରୁଣା ଲକ୍ଷ୍ୟ ହାସଲ କରିବା ପାଇଁ ଏକ ନୂତନ ଏବଂ ବକ୍ର ପଥ । ଯେହେତୁ ସରକାରୀ ଫ୍ୟାକ୍ଟ ଚେକିଂ ୟୁନିଟ୍ ଗଠନ ପ୍ରକ୍ରିୟା ଆଇନଗତ ଜାଲରେ ଛନ୍ଦି ହୋଇଯାଇଛି, ତେଣୁ ସରକାର ଏବେ ସିଧାସଳଖ ୟୁଜରମାନଙ୍କ ଦ୍ୱାରା ପରିଚାଳିତ କମ୍ୟୁନିଟି ନୋଟ୍ସକୁ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରୁଛନ୍ତି । ଏହାର ସିଧାସଳଖ ଅର୍ଥ ହେଉଛି ଯେ, ସରକାର ନିଜେ ହିଁ ଅଭିଯୋଗକାରୀ, ନିଜେ ହିଁ ବିଚାରପତି ଏବଂ ନିଜେ ହିଁ ଦଣ୍ଡବିଧାତା ସାଜିବାକୁ ଚାହୁଁଛନ୍ତି । ଆଇନଗତ ଦୃଷ୍ଟିକୋଣରୁ ଦେଖିଲେ ଏହା ଭାରତୀୟ ସମ୍ବିଧାନର ଧାରା ୧୯(୧)(କ) ଅଧୀନରେ ପ୍ରଦତ୍ତ ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଏକ ସିଧାସଳଖ ଆକ୍ରମଣ । ଯେତେବେଳେ ସରକାରୀ ସଂସ୍ଥାଗୁଡ଼ିକ ହିଁ ସତ୍ୟର ପ୍ରମାଣପତ୍ର ବାଣ୍ଟିବେ, ସେତେବେଳେ ସରକାରଙ୍କ ବିଫଳତାକୁ ଦର୍ଶାଉଥିବା କୌଣସି ବି ତଥ୍ୟ ଆଉ ଲୋକଲୋଚନକୁ ଆସିପାରିବ ନାହିଁ ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତର ସ୍ଥାନ କ୍ରମାଗତ ଭାବେ ତଳକୁ ଖସୁଥିବା ବେଳେ ଏଭଳି କଠୋର ନିୟମ ଦେଶର ଗଣତାନ୍ତ୍ରିକ ଭାବମୂର୍ତ୍ତିକୁ ଅନ୍ତର୍ଜାତୀୟ ସ୍ତରରେ ଅଧିକ କ୍ଷୁର୍ଣ୍ଣ କରିବ । ଆଜିକାଲିର ଡିଜିଟାଲ୍ ଯୁଗରେ ସାମାଜିକ ଗଣମାଧ୍ୟମ ହିଁ ଆଧୁନିକ ଯୁଗର ସାର୍ବଜନୀନ କ୍ଷେତ୍ର ବା ପବ୍ଲିକ୍ ସ୍କୋୟାର୍ ପାଲଟିଛି, ଯେଉଁଠାରେ ସୂଚନାର ଅବାଧ ପ୍ରବାହ ହିଁ ଏକ ସୁସ୍ଥ ସମାଜର ମୂଳଦୁଆ ଅଟେ । ପାରମ୍ପରିକ ଗଣମାଧ୍ୟମଗୁଡ଼ିକ ଅନେକ ସମୟରେ କ୍ଷମତାସୀନ ବ୍ୟବସ୍ଥାର ସପକ୍ଷରେ କାର୍ଯ୍ୟ କରୁଥିବାର ଅଭିଯୋଗ ହେଉଥିବା ବେଳେ, ସାମାଜିକ ଗଣମାଧ୍ୟମ ହିଁ ସ୍ୱାଧୀନ ତଥ୍ୟ ଯାଞ୍ଚ ପାଇଁ ଏକମାତ୍ର ମାଧ୍ୟମ ଭାବେ ଉଭା ହୋଇଛି । ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ସମୟରେ ଏବଂ ଅନ୍ୟାନ୍ୟ ସମୟରେ ନିଜର ରାଜନୈତିକ ଫାଇଦା ପାଇଁ ଅନେକ ସମୟରେ ଭ୍ରାମକ ତଥ୍ୟ, ପରିସଂଖ୍ୟାନର ଅପବ୍ୟବହାର କିମ୍ବା ଅର୍ଦ୍ଧସତ୍ୟର ଆଶ୍ରୟ ନେଇଥାନ୍ତି । ଏଭଳି ସ୍ଥିତିରେ କମ୍ୟୁନିଟି ନୋଟ୍ସ ଭଳି ଏକ ସ୍ୱାଧୀନ ଏବଂ ପାରଦର୍ଶୀ ବ୍ୟବସ୍ଥା ସାଧାରଣ ଲୋକଙ୍କୁ ପ୍ରକୃତ ତଥ୍ୟ ଜାଣିବାରେ ବହୁଳ ମାତ୍ରାରେ ସାହାଯ୍ୟ କରୁଛି । ଯଦି ଏହି ବ୍ୟବସ୍ଥାକୁ ସରକାର ନିଜ କବ୍ଜାକୁ ନେଇଯାଆନ୍ତି, ତେବେ ଏହାର ଦୁରୂପଯୋଗ ହେବାର ଆଶଙ୍କା ଶତପ୍ରତିଶତ ରହିଛି । ଉଦାହରଣସ୍ୱରୂପ, ବିରୋଧୀ ଦଳ କିମ୍ବା ସାଧାରଣ ନାଗରିକଙ୍କ ପୋଷ୍ଟରେ ଲାଗିଥିବା କମ୍ୟୁନିଟି ନୋଟ୍ସକୁ ସରକାର ଅଣଦେଖା କରିବେ କିମ୍ବା ପ୍ରୋତ୍ସାହିତ କରିବେ, କିନ୍ତୁ ଶାସକ ଦଳର ନେତାଙ୍କ ପୋଷ୍ଟରେ ଲାଗିଥିବା ସତ୍ୟ ତଥ୍ୟକୁ ବେଆଇନ ଦର୍ଶାଇ ତୁରନ୍ତ ହଟାଇଦେବେ । ଏହି ପାତରଅନ୍ତର ନୀତି କେବଳ ରାଜନୈତିକ ପକ୍ଷପାତିତା ନୁହେଁ, ବରଂ ଏହା ଏକ ସାମ୍ବିଧାନିକ ବିପର୍ଯ୍ୟୟ । ବିଶେଷକରି ଯେତେବେଳେ ଦେଶର ପ୍ରଧାନମନ୍ତ୍ରୀ କିମ୍ବା ବରିଷ୍ଠ କ୍ୟାବିନେଟ୍ ମନ୍ତ୍ରୀମାନଙ୍କର ପୋଷ୍ଟଗୁଡ଼ିକ ତଥ୍ୟଗତ ତ୍ରୁଟି ପାଇଁ ଫ୍ଲାଗ୍ ହେଉଛି, ସେତେବେଳେ ନିଜର ଭୁଲ୍ ସୁଧାରିବା ପରିବର୍ତ୍ତେ ସତ୍ୟକୁ ଲୁଚାଇବା କୌଣସି ଗୁଣରେ ଗ୍ରହଣଯୋଗ୍ୟ ନୁହେଁ ।

ପରିଶେଷରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ଆଇଟି ନିୟମ, ୨୦୨୧ରେ ଅଣାଯାଉଥିବା ଏହି ପ୍ରସ୍ତାବିତ ସଂଶୋଧନ କେବଳ ଏକ ପ୍ରଶାସନିକ କିମ୍ବା ବୈଷୟିକ ପରିବର୍ତ୍ତନ ନୁହେଁ; ଏହା ଭାରତୀୟ ନାଗରିକଙ୍କ ଚିନ୍ତାଧାରା, ସୂଚନା ପାଇବାର ଅଧିକାର ଏବଂ ମତାମତ ଉପରେ ଏକ ଅଦୃଶ୍ୟ ଶୃଙ୍ଖଳ ପକାଇବାର ଏକ ସୁଚିନ୍ତିତ ପ୍ରୟାସ । ତଥ୍ୟର ଯାଞ୍ଚ କରିବା କେବେହେଲେ କୌଣସି ସରକାରଙ୍କ ଏକଚାଟିଆ ଅଧିକାର ହୋଇପାରିବ ନାହିଁ । ଏହା ସାଧାରଣ ଜନତା, ସାମ୍ବାଦିକ ଏବଂ ସ୍ୱାଧୀନ ସଂସ୍ଥାଗୁଡ଼ିକର ସାମୂହିକ ଦାୟିତ୍ୱ । ଯଦି ସରକାର ପ୍ରକୃତରେ ଗୁଜବ ଏବଂ ମିଥ୍ୟା ଖବରର ପ୍ରସାରକୁ ରୋକିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ସ୍ୱାଧୀନ ତଥ୍ୟ-ଯାଞ୍ଚକାରୀ ସଂସ୍ଥା ଏବଂ କମ୍ୟୁନିଟି ପରିଚାଳିତ ପ୍ଲାଟଫର୍ମଗୁଡ଼ିକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ । ଏହା ପରିବର୍ତ୍ତେ, ସରକାରୀ ନିୟନ୍ତ୍ରଣର ଏକ ନୂଆ ସ୍ତର ସୃଷ୍ଟି କରିବା ଗଣତନ୍ତ୍ରର ମୂଳଦୁଆକୁ ହିଁ ଦୁର୍ବଳ କରିବ । ତେଣୁ, କେନ୍ଦ୍ର ସରକାର ତୁରନ୍ତ ଏହି ପ୍ରସ୍ତାବିତ ସଂଶୋଧନକୁ ପ୍ରତ୍ୟାହାର କରିବା ଉଚିତ୍ । ଏହାବ୍ୟତୀତ, ଡିଜିଟାଲ୍ ଆଇନଗୁଡ଼ିକରେ କୌଣସି ପରିବର୍ତ୍ତନ ଆଣିବା ପୂର୍ବରୁ ସୂଚନା ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ, ଆଇନଜୀବୀ, ନାଗରିକ ସମାଜ ଏବଂ ସାଧାରଣ ଜନତାଙ୍କ ସହ ବ୍ୟାପକ ଏବଂ ଦୀର୍ଘକାଳୀନ ଆଲୋଚନା ହେବା ନିତାନ୍ତ ଜରୁରୀ । ଏକ ୧୫ ଦିନିଆ ତରବରିଆ ପରାମର୍ଶ ପ୍ରକ୍ରିୟା କେବଳ ଆଖିଦୃଶିଆ ଛଳନା ବ୍ୟତୀତ ଅନ୍ୟ କିଛି ନୁହେଁ । କେବଳ ଏକ ମୁକ୍ତ, ସ୍ୱଚ୍ଛ ଏବଂ ଭୟମୁକ୍ତ ଡିଜିଟାଲ୍ ପରିବେଶ ହିଁ ଏକବିଂଶ ଶତାବ୍ଦୀର ଗଣତନ୍ତ୍ରକୁ ସୁରକ୍ଷିତ ରଖିପାରିବ । ସରକାର ନିଜକୁ ସମାଲୋଚନାର ଉର୍ଦ୍ଧ୍ୱରେ ନଭାବି, ନାଗରିକମାନଙ୍କର ପ୍ରଶ୍ନ ପଚାରିବାର ଅଧିକାରକୁ ସମ୍ମାନ ଜଣାଇବା ଉଚିତ୍ ଏବଂ ଡିଜିଟାଲ୍ ସ୍ୱେଚ୍ଛାଚାରିତାର ଏହି ବିପଜ୍ଜନକ ପଥରୁ ନିବୃତ୍ତ ରହିବା ଉଚିତ୍ ।

# ବଡ଼ଲୋକଙ୍କ ଚେରକଟା ନୀତି



## ଦିପ୍ତିମୟୀ ନାୟକ

ମଣିଷର ଚରିତ୍ର ପଦପଦବୀ ବା ସମ୍ପତ୍ତି ଦ୍ୱାରା ନିର୍ଦ୍ଧାରିତ ହୁଏନାହିଁ । ଅନେକ ସମୟରେ ଆମେ ଭାବୁ ଶୀର୍ଷରେ ପହଁଞ୍ଚିଥିବା ବ୍ୟକ୍ତିମାନେ ମାନସିକ ସ୍ତରରେ ଖୁବ ଶାନ୍ତ ଓ ଉଦାର କିନ୍ତୁ ବାସ୍ତବତା ହେଉଛି ଉଚ୍ଚତା ଯେତିକି ବଢେ ପଡିଯିବାର ଭୟ ମଧ୍ୟ ସେତିକି ଥାଏ । ଏହି ମାନସିକତାରୁ ହିଁ ଜନ୍ମନିଏ ଚେରକଟା ନୀତି । ଯାହା ସାଧାରଣ ଲୋକଙ୍କ ଆଖିକୁ ଦେଖାଯାଏନାହିଁ କିନ୍ତୁ ଏହାର ପ୍ରଭାବ ବହୁତ ଭୟଙ୍କର ହୋଇଥାଏ ।

ତେବେ ସମାଜରେ ବଡ଼ଲୋକ ଶବ୍ଦଟି କେବଳ ଆର୍ଥିକ ସ୍ୱଚ୍ଛଳତାକୁ ବୁଝାଏ ନାହିଁ ବରଂ କ୍ଷମତା, ପଦପଦବୀ ଏବଂ ସାମାଜିକ ପ୍ରତିଷ୍ଠାକୁ ମଧ୍ୟ ସୂଚାଇଥାଏ । ସାଧାରଣତଃ ଆମେ ଭାବୁ ଯାହା ପାଖରେ ସବୁକିଛି ଅଛି ତାଙ୍କର ପୁଣି କାହା ପ୍ରତି ଇର୍ଷା କାହିଁକି ରହିବ । କିନ୍ତୁ ବାସ୍ତବତା ହେଉଛି ଇର୍ଷା ଏକ ମାନବୀୟ ପ୍ରବୃତ୍ତି ଯାହା ଗରିବ ଠାରୁ ଆରମ୍ଭ କରି ଅତି ଧନୀ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ରହିଛି । ତେବେ ବଡ଼ଲୋକଙ୍କ କ୍ଷେତ୍ରରେ ଏହି ଇର୍ଷା ଅଧିକ ଜଟିଳ, ରହସ୍ୟମୟ ଏବଂ ଅନେକ ସମୟରେ ବିପଜ୍ଜନକ ରୂପ ଧାରଣ କରିଥାଏ । ବଡ଼ଲୋକଙ୍କ ଇର୍ଷା ସାଧାରଣ ଲୋକଙ୍କ ଇର୍ଷା ଠାରୁ ଭିନ୍ନ । ଜଣେ ସାଧାରଣ ଲୋକ ଅନ୍ୟର ଭଲ ଖାଦ୍ୟ ବା ପୋଷାକକୁ ଦେଖି ଇର୍ଷା କରିପାରେ କିନ୍ତୁ ଜଣେ ବଡ଼ଲୋକ ପ୍ରାୟତଃ ପ୍ରତିପତ୍ତି ଏବଂ ନିୟନ୍ତ୍ରଣକୁ ନେଇ ଇର୍ଷାନ୍ୱିତ ହୋଇଥାନ୍ତି । ତାଙ୍କ ଭିତରେ ଏହି ଭୟ ସବୁବେଳେ ଥାଏ । ଅନ୍ୟ କେହି ଜଣେ ତାଙ୍କଠାରୁ ଅଧିକ ପ୍ରଶଂସା ସାଉଁଟି ନେବେ ନାହିଁ ତ ।ଏହି ଇର୍ଷା ମୁଖ୍ୟତଃ ତିନୋଟି କାରଣରୁ ଜନ୍ମ ନେଇଥାଏ । ଯେପରିକି ଅସୁରକ୍ଷା ଭାବ, ତୁଳନାତ୍ମକ ପ୍ରତିଯୋଗିତା ଏବଂ ଅହଂକାର । ତେବେ ଅସୁରକ୍ଷା ଭାବ ହେଉଛି ଶୀର୍ଷରେ ପହଞ୍ଚିବା ପରେ ସେଠାରେ ସ୍ଥିର ରହିବା ସବୁଠାରୁ କଷ୍ଟକର । ଯେତେବେଳେ ଜଣେ ନୂଆ ବ୍ୟକ୍ତି ନିଜର ଦକ୍ଷତା ବଳରେ ଉପରକୁ ଉଠେ ସେତେବେଳେ ପୂର୍ବରୁ ସ୍ଥାପିତ ବଡ଼ଲୋକ ନିଜକୁ ଅସୁରକ୍ଷିତ ମଣନ୍ତି । ସେହିପରି ତୁଳନାତ୍ମକ ପ୍ରତିଯୋଗିତା ହେଉଛି ବଡ଼ଲୋକମାନେ ନିଜ ସମକକ୍ଷ ବ୍ୟକ୍ତିଙ୍କ ସହ ସବୁବେଳେ ଏକ ଅଦୃଶ୍ୟ ଦୌଡ଼ରେ ଥାନ୍ତି । କାହାର ଗାଡ଼ି ବଡ଼, କାହାର ବଙ୍ଗଳା ସୁନ୍ଦର କିମ୍ବା କାହାର ପ୍ରଭାବ ରାଜନୀତିରେ ଅଧିକ । ଏହି ତୁଳନା ହିଁ ଇର୍ଷାର ମଞ୍ଜି ବୁଣିଥାଏ । ଆଉ ଅହଂକାର ହେଉଛି ମୁଁ ସବୁଠୁ ଶ୍ରେଷ୍ଠ ଏହି ଭାବନା ଯେତେବେଳେ ଆହତ ହୁଏ । ସେତେବେଳେ ଇର୍ଷା ଏକ ପ୍ରତିଶୋଧର ରୂପ ନିଏ ।

ତେବେ ସାଧାରଣ ଲୋକେ ଇର୍ଷା କଲେ ତାହା ପାଟିତୁଣ୍ଡ ବା ସାଧାରଣ କଳିଝଗଡା ଦେଖାଯାଏ କିନ୍ତୁ ବଡ଼ଲୋକଙ୍କ ଇର୍ଷା ଅତ୍ୟନ୍ତ ସୂକ୍ଷ୍ମ ଏବଂ ଯୋଜନାବଦ୍ଧ । ବଡ଼ଲୋକମାନେ ସିଧାସଳଖ ଶତ୍ରୁତା କରିବା ପରିବର୍ତ୍ତେ ପଛରେ ରହି ଷଡ଼ଯନ୍ତ୍ର କରିବାକୁ ପସନ୍ଦ କରନ୍ତି । ଜଣେ ନୂଆ କରି ଉଠୁଥିବା ପ୍ରତିଭାକୁ କିପରି ଅଣନିଶ୍ୱାସୀ କରାଯିବ ସେଥିପାଇଁ ସେମାନେ ନିଜର କ୍ଷମତା ପ୍ରୟୋଗ କରନ୍ତି । ଅନେକ ସମୟରେ ଇର୍ଷାନ୍ୱିତ ବଡ଼ଲୋକମାନେ ଗୋଷ୍ଠୀଗତ ଭାବେ ଜଣେ ବ୍ୟକ୍ତିଙ୍କୁ ଏକୁଟିଆ କରିଦିଅନ୍ତି । ତାଙ୍କ ବିଷୟରେ ଗୁଜବ ପ୍ରଚାର କରିବା କିମ୍ବା ତାଙ୍କର ସଫଳତାକୁ ଛୋଟ କରି ଦେଖାଇବା ଏକ ସାଧାରଣ କଥା ।ଏହା ହେଉଛି ସବୁଠାରୁ ବିପଜ୍ଜନକ । ଉପରକୁ ବହୁତ ଭଲ ପାଇବା ଦେଖାଇ ଭିତରେ ଭିତରେ ଜଣକର ଚେର କାଟିବା ବଡ଼ଲୋକଙ୍କ ଇର୍ଷାର ଏକ ଚିରାଚରିତ ଢଙ୍ଗ । ତେବେ ବଡ଼ଲୋକଙ୍କ ଏହି ମାନସିକତା ଯୋଗୁଁ ସମାଜର ଅନେକ କ୍ଷତି ହୁଏ । ଯେତେବେଳେ ଜଣେ କ୍ଷମତାଶାଳୀ ବ୍ୟକ୍ତି ନିଜ ତଳେ ଥିବା ଜଣେ ପ୍ରତିଭାବାନ ବ୍ୟକ୍ତି ପ୍ରତି ଇର୍ଷା ରଖନ୍ତି ସେତେବେଳେ ସେହି ପ୍ରତିଭା ସମାଜ ସାମ୍ନାକୁ ଆସିପାରେ ନାହିଁ । ଅନେକ ଯୁବକଯୁବତୀ ନିଜର ନୂଆ ଚିନ୍ତାଧାରା ନେଇ ଆଗକୁ ବଢ଼ିବାକୁ ଚାହାଁନ୍ତି କିନ୍ତୁ ବଡ଼ ମୁଣ୍ଡିଆଙ୍କ ଇର୍ଷା ଯୋଗୁଁ ସେମାନଙ୍କୁ ସୁଯୋଗ ମିଳେନାହିଁ । ଯେଉଁଠି ସଫଳତା ପାଇଁ ଯୋଗ୍ୟତା ଅପେକ୍ଷା କାହାର ଚାମଚାଗିରି କରିବାକୁ ପଡ଼େ ସେଠାରେ ସୁସ୍ଥ ପରିବେଶ ନଷ୍ଟ ହୋଇଯାଏ ।

ପ୍ରକୃତରେ ଦେଖିବାକୁ ଗଲେ ଇର୍ଷା କରୁଥିବା ବ୍ୟକ୍ତି ନିଜେ ଜଣେ ମାନସିକ ରୋଗୀ ସଦୃଶ । ସେ ବାହାରକୁ ଯେତେ ଭଲ ଦେଖାଗଲେ ମଧ୍ୟ ଭିତରେ ଭିତରେ ସେ ସବୁବେଳେ ଅଶାନ୍ତ ଥାଏ । ଅନ୍ୟର ହସ ତାଙ୍କୁ କଷ୍ଟ ଦିଏ ଏବଂ ଅନ୍ୟର ଉନ୍ନତି ତାଙ୍କୁ ନିଦ୍ରାହୀନ କରିଦିଏ । ଏହିଭଳି ବ୍ୟକ୍ତିଙ୍କ ପ୍ରତି ଘୃଣା ଭାବ ରଖିବା ଅପେକ୍ଷା ଦୟା ଭାବ ରଖିବା ଉଚିତ କାରଣ ସେମାନେ ନିଜର ସୁଖକୁ ଉପଭୋଗ କରିବା ପରିବର୍ତ୍ତେ ଅନ୍ୟର ଦୁଃଖ ଖୋଜିବାରେ ନିଜ ଜୀବନ ବ୍ୟତୀତ କରନ୍ତି । ଯଦି ଆପଣଙ୍କ ଉନ୍ନତିରେ କେହି ବଡ଼ଲୋକ ଇର୍ଷା କରୁଛନ୍ତି ତେବେ ଜାଣି ରଖନ୍ତୁ ଯେ ଆପଣ ସଠିକ୍ ପଥରେ ଅଛନ୍ତି । ଏହିଭଳି ପରିସ୍ଥିତିରେ ଷଡ଼ଯନ୍ତ୍ରର ଜବାବ ଯୁକ୍ତିତର୍କରେ ନୁହେଁ ବରଂ ନିଜର ସଫଳତା ଦ୍ୱାରା ଦିଅନ୍ତୁ । ଆପଣଙ୍କ ହସ ଏବଂ ଅଧିକ ସଫଳତା ହିଁ ସେମାନଙ୍କ ପାଇଁ ସବୁଠାରୁ ଶକ୍ତ ଚାପୁଡ଼ା । ନିଜକୁ ଏମିତି ତିଆରି କରନ୍ତୁ ଯେମିତି ଦୁନିଆ ଆପଣଙ୍କୁ ହରାଇବା ପାଇଁ ଚେଷ୍ଟା ନୁହେଁ ବରଂ ଷଡ଼ଯନ୍ତ୍ର କରିବାକୁ ବାଧ ହେବ । ଏହା ହିଁ ଆପଣଙ୍କ ବ୍ୟକ୍ତିତ୍ୱର ବିଜୟ ହେ୍ୱ । ଇର୍ଷାନ୍ୱିତ ବ୍ୟକ୍ତି ସବୁବେଳେ ଚାହାଁନ୍ତି ଆପଣ ରାଗନ୍ତୁ କିମ୍ବା ଭୁଲ୍ କରନ୍ତୁ । ଶାନ୍ତ ରହିବା ହିଁ ସେମାନଙ୍କର ସବୁ ଯୋଜନାକୁ ପଣ୍ଡ କରିଦେବ ।

ତେବେ ବଡ଼ଲୋକ ହେବା ଏକ ସାମାଜିକ ସ୍ଥିତି ହୋଇପାରେ କିନ୍ତୁ ମହାନ ହେବା ଏକ ମାନସିକ ସ୍ଥିତି । ଜଣେ ପ୍ରକୃତ ବଡ଼ଲୋକ ସେ ହୋଇଥାଏ ଯିଏ ଅନ୍ୟକୁ ବଡ଼ ହେବାରେ ସାହାଯ୍ୟ କରେ । ଇର୍ଷା କେବଳ ବ୍ୟକ୍ତିକୁ ନୁହେଁ ବରଂ ସମ୍ପର୍କ ଏବଂ ସମାଜକୁ ମଧ୍ୟ ପୋଡ଼ି ପାଉଁଶ କରିଦିଏ । ତେଣୁ ଇର୍ଷାର ଅନ୍ଧକାରରେ ନ ରହି ପ୍ରଶଂସାର ଆଲୋକରେ ବଞ୍ଚିବା ହିଁ ଜୀବନର ସାର୍ଥକତା ହୋଇଥାଏ । ସଫଳତା ଯେତେବେଳେ ଆସେ ସେତେବେଳେ ଶତ୍ରୁ ଆପେ ଆପେ ସୃଷ୍ଟି ହୁଅନ୍ତି କିନ୍ତୁ ମନେ ରଖନ୍ତୁ ପଥର ସେହି ଗଛ ଉପରକୁ ହିଁ ମରାଯାଏ ଯେଉଁଥିରେ ମିଠା ଫଳ ଫଳିଥାଏ । ତେଣୁ ବଡ଼ଲୋକଙ୍କ ଇର୍ଷାକୁ ନିଜର ପ୍ରଗତିର ଏକ ପରିମାପକ ଭାବେ ଗ୍ରହଣ କରି ଆଗକୁ ବଢ଼ିବା ଉଚିତ ।

ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

# ଉପାନ୍ତରୁ ସମ୍ଭ୍ରାନ୍ତ ମୁହାଁ ନୂଆପଡ଼ା

## ବୈଷ୍ଣବ ମେହେର

> ପୁନଶ୍ଚ ବିଗତ ବାର ବର୍ଷ ଧରି ବନ୍ଦ ପଡ଼ିଥିବା ନୂଆପଡ଼ା ଜିଲ୍ଲାର ସାଂସ୍କୃତିକ ପରିଚୟ ମାରାଗୁଡ଼ା ଲୋକ ମହୋତ୍ସବକୁ ଗତ ବର୍ଷ ସତସାହସର ସହ ପୁନରାୟ ଆରମ୍ଭ କରିଥିଲେ ସାହିତ୍ୟ, ସଂସ୍କୃତି ଓ ବିକାଶର ସୃଜନଧର୍ମୀ ବ୍ୟକ୍ତିତ୍ୱ ଜିଲ୍ଲାପାଳ ମଧୁସୂଦନ ଦାସ । ଏହା ନୂଆପଡ଼ା ଜିଲ୍ଲା ପାଇଁ ଏକ ନୂତନ ଅୟମାରମ୍ଭ ବୋଲି ଧରାଯିବ । ଏହି ଅବସରରେ ଗତବର୍ଷ ମାରାଗୁଡ଼ା ଲୋକ ମହୋତ୍ସବରେ ପଦାର୍ପଣ କରି ଓଡ଼ିଶାର ଲୋକଙ୍କ ସରକାରର ମୁଖ୍ୟମଂତ୍ରୀ ମାନ୍ୟବର ମୋହନ ମାଝୀ ନିଜର ଏକ ଘଣ୍ଟା ଏଗାର ମିନିଟ୍‌ର ଲମ୍ବା ବକ୍ତବ୍ୟରେ ଜିଲ୍ଲା ଆଖିରେ ଅନେକ ନୂତନ ସ୍ୱପ୍ନ ଭରି ଦେଇଥିଲେ ।

ଦିନଥିଲା ଓଡ଼ିଶାର ତିରିଶି ଗୋଟି ଜିଲ୍ଲା ମଧ୍ୟରୁ ନୂଆପଡ଼ା ଜିଲ୍ଲାକୁ ୩୦ତମ ଜିଲ୍ଲା ଭାବରେ ଗଣା ଯାଉଥିଲା । ରାଜ୍ୟ ରାଜଧାନୀ ଠାରୁ ପ୍ରାୟ ପାଂଚ ଶତ କିଲୋମିଟର ପଶ୍ଚିମରେ ଛତିଶଗଡ଼ ରାଜ୍ୟ ସୀମାକୁ ଲାଗିଥିବା ଏହି ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଜିଲ୍ଲା ଭାବରେ ଯେତିକି ଆଖି ଆଢୁଆଳରେ ରହିଯାଇଥିଲା, ଖାଦ୍ୟ,ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଜଳସେଚନ, ଯୋଗାଯୋଗ, ନିଯୁକ୍ତି, ଦାଦନ ସମସ୍ୟା ଭଳି ବଡ଼ବଡ଼ ସମସ୍ୟା ଭିତରେ ତା'ଠାରୁ ଅଧିକ ଉବୁଟୁବୁ ହେଉଥିଲା । କିନ୍ତୁ ଗତ କିଛି ବର୍ଷ ହେଲା ବିଶେଷ କରି ପୂର୍ବତନ ଓଡ଼ିଶାର ଦୀର୍ଘମିଆଦି ମୁଖ୍ୟମଂତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭଦୃଷ୍ଟି ପଡ଼ିବା ପରେପରେ ନୂଆପଡ଼ା ଜିଲ୍ଲାର ସାମଗ୍ରିକ ବିକାଶର ନିଅଁ ପଡ଼ିବା ଆରମ୍ଭ ହୋଇଥିଲା । ଆଜିକୁ ଠିକ୍ ପାଂଚବର୍ଷ ତଳେ ୨୦୨୧ ମସିହା ମାର୍ଚ୍ଚ ମାସରେ ସେତେବେଳର ମୁଖ୍ୟମଂତ୍ରୀ ନବୀନ ପଟ୍ଟନାୟକ ନୂଆପଡ଼ା ଗସ୍ତରେ ଆସି ଏଠିକାର ତିନୋଟି ମୁଖ୍ୟ ସମସ୍ୟା ପିଇବା ପାଣି, ଜଳସେଚନ ଓ ଯୋଗାଯୋଗ ସମସ୍ୟାର ସମାଧାନ ପ୍ରସଙ୍ଗ ଉପସ୍ଥାପନ କରି ଜିଲ୍ଲାର ଲୋୟରଇଂଦ୍ର ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ଦେଢ଼ ଲକ୍ଷ ଏକର ଜମିକୁ ପାଣି ସୁବିଧା, ଏକ ଲକ୍ଷ ପରିବାର ପାଖରେ ଫ୍ଲୋରାଇଡ ମୁକ୍ତ ପିଇବା ପାଣିର ଯୋଗାଣ ଓ ୧୩୨ କିଲୋମିଟର ବିଜୁ ଏକ୍ସପ୍ରେସ୍ ୱେର ଯୋଜନା ମାଧ୍ୟମରେ ଜିଲ୍ଲାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର ଅୟମାରମ୍ଭ କଲେ ବୋଲି କହିବାକୁ ହେବ ।

ପୁନଶ୍ଚ ବିଗତ ବାର ବର୍ଷ ଧରି ବନ୍ଦ ପଡ଼ିଥିବା ନୂଆପଡ଼ା ଜିଲ୍ଲାର ସାଂସ୍କୃତିକ ପରିଚୟ ମାରାଗୁଡ଼ା ଲୋକ ମହୋତ୍ସବକୁ ଗତ ବର୍ଷ ସତସାହସର ସହ ପୁନରାୟ ଆରମ୍ଭ କରିଥିଲେ ସାହିତ୍ୟ, ସଂସ୍କୃତି ଓ ବିକାଶର ସୃଜନଧର୍ମୀ ବ୍ୟକ୍ତିତ୍ୱ ଜିଲ୍ଲାପାଳ ମଧୁସୂଦନ ଦାସ । ଏହା ନୂଆପଡ଼ା ଜିଲ୍ଲା ପାଇଁ ଏକ ନୂତନ ଅୟମାରମ୍ଭ ବୋଲି ଧରାଯିବ । ଏହି ଅବସରରେ ଗତବର୍ଷ ମାରାଗୁଡ଼ା ଲୋକ ମହୋତ୍ସବରେ ପଦାର୍ପଣ କରି ଓଡ଼ିଶାର ଲୋକଙ୍କ ସରକାରର ମୁଖ୍ୟମଂତ୍ରୀ ମାନ୍ୟବର ମୋହନ ମାଝୀ ନିଜର ଏକ ଘଣ୍ଟା ଏଗାର ମିନିଟ୍‌ର ଲମ୍ବା ବକ୍ତବ୍ୟରେ ଜିଲ୍ଲା ଆଖିରେ ଅନେକ ନୂତନ ସ୍ୱପ୍ନ ଭରି ଦେଇଥିଲେ । ବିଶେଷ କରି ଜିଲ୍ଲାରେ ଉନ୍ନତ ରାଜ୍ୟରାଜପଥ, ରେଳପଥର ବିକାଶ, ପୋଲ ନିର୍ମାଣ, ସ୍ୱାସ୍ଥ୍ୟର ଉନ୍ନତିକରଣ, ଦାଦନ ନିରାକରଣ, ଜଳସେଚନ, ୱାଟର୍ ସୋର୍ସ ଦେଖି ବ୍ୟାରେଜ ନିର୍ମାଣ, ଚେକ ଡ୍ୟାମ, ଜଳାଶୟ ତିଆରି, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିଭୂମିର ସୁଦୃଢ଼ିକରଣ ଆଦି ସମସ୍ୟା ପ୍ରସଙ୍ଗରେ ତୁରିତ ସମାଧାନ କରାଯିବାକୁ ନିଜ ଆଭିମୁଖ୍ୟ ପ୍ରଦାନ କରି ୩୨୦ କୋଟିରୁ ଅଧିକ ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଗତ ବର୍ଷର ମହୋତ୍ସବରୁ ଚଳିତ ମହୋତ୍ସବ ପର୍ଯ୍ୟନ୍ତ ଏକ ବର୍ଷ ଅବଧି ମଧ୍ୟରେ କିଛି କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏହାକୁ ତ୍ୱରାନ୍ୱିତ କରି ରାଜ୍ୟର ସର୍ବକନିଷ୍ଠ ଜିଲ୍ଲା ନୂଆପଡ଼ାକୁ ସ୍ୱତଂତ୍ରତା ଭିତ୍ତିରେ ଆଗେଇ ନେବାର ଗୁରୁଦାୟିତ୍ୱ ଏବେ ବର୍ତ୍ତମାନର ମୋହନ ସରକାରଙ୍କ କାନ୍ଧରେ ନ୍ୟସ୍ତ ରହିଛି । ହଁ, ଏଠି ସର୍ବକନିଷ୍ଠରୁ ମନେ ପଡ଼ିଗଲା ଯେ, ଯେତେବେଳେ ପ୍ରବାଦପୁରୁଷ ବିଜୁବାବୁ ନୂଆପଡ଼ା ଜିଲ୍ଲାକୁ ସ୍ୱତଂତ୍ର ଜିଲ୍ଲା ଭାବରେ ଘୋଷଣା କଲେ ସେତେବେଳେ ଏତେ ଛୋଟ ଅଂଚଳକୁ ଗୋଟିଏ ସ୍ୱତଂତ୍ର ଜିଲ୍ଲାର ମାନ୍ୟତା ଦେବାକୁ ନେଇ କିଛି ଲୋକ ପ୍ରଶ୍ନ କରିଥିଲେ । ସେତେବେଳେ ବିଜୁବାବୁ କହିଥିଲେ, ନୂଆପଡ଼ା ଓଡ଼ିଶା ମା'ଆର ସବୁଠାରୁ ସାନ ପୁଅ । ସେ ପୁଣି ଦୂରରେ ଅଛି । ସବୁ ବାପାମାଆ ଯେପରି ଦୂରରେ ଥିବା ପୁଅକୁ ଅଧିକ ଭଲ ପାଆନ୍ତି, ମୁଁ ମଧ୍ୟ ସେହିପରି ନୂଆପଡ଼ାକୁ ସ୍ୱତଂତ୍ର ଧ୍ୟାନ ଦେବି । ନୂଆପଡ଼ା ଜିଲ୍ଲା ପ୍ରତି ବିଜୁବାବୁଙ୍କ ଦୁର୍ବଳତା ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା । ସେ ଏହି ଜିଲ୍ଲାକୁ ସଶକ୍ତ କରିବାର ସ୍ୱପ୍ନ ଦେଖିଥିଲେ । ପରବର୍ତ୍ତୀ ସମୟରେ ସେହି ସ୍ୱପ୍ନକୁ ତାଙ୍କ ପୁଅ ନବୀନ ବାବୁ କିଛି ଦୂର ଆଗେଇ ନେଇ ଥିବା ବେଳେ ବିଜୁବାବୁଙ୍କ ସ୍ୱପ୍ନ ହିଁ ଆମ ସରକାରର ସ୍ୱପ୍ନ ବୋଲି କହୁଥିବା ବର୍ତ୍ତମାନର ସରକାରଙ୍କ ହାତରେ ଏହି ଜିଲ୍ଲାର ଆଗାମୀ ଭବିଷ୍ୟତ ନିର୍ଭର କରୁଛି । ଅପରପକ୍ଷେ ପ୍ରାଚୀନ ଯୁଗରୁ ନୂଆପଡ଼ା ଜିଲ୍ଲାର କଳା, ସଂସ୍କୃତି, ଭାଷା ଓ ସାହିତ୍ୟର ସ୍ୱତଂତ୍ରତା ରହିଆସିଛି । ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ଐତିହାସିକ, ସାଂସ୍କୃତିକ ଉପାଖ୍ୟାନ ଭରା ସୌନ୍ଦର୍ଯ୍ୟମୟ ଜିଲ୍ଲା ହେଉଛି ନୂଆପଡ଼ା ଓ ତା'ର ସଂସ୍କୃତିକ ପ୍ରାଣକେଂଦ୍ର ହେଉଛି ମାରାଗୁଡ଼ା ଉପତ୍ୟକା । ଯାହା ସମଗ୍ର ଜିଲ୍ଲାର ଆତ୍ମା ସଦୃଶ । ମାରାଗୁଡ଼ାର ତିନି ପାର୍ଶ୍ୱରେ ସୁଉଚ୍ଚ ମନଲୋଭା ପର୍ବତମାଳା ଧ୍ୟାନରତ ତପସ୍ୱୀ ସମ ଦଣ୍ଡାୟମାନ ହୋଇଥିବା ବେଳେ ଏହାର ମଧ୍ୟବର୍ତ୍ତୀ ଅଂଚଳରେ ତିନି ଭଉଣୀ ପରି କୁଳୁକୁଳୁ ନିନାଦିତ ତିନି ସରିତ ସୁନ୍ଦର, ଇଂଦ୍ରା ଓ ଜୋଙ୍କ ଏହି ଉପତ୍ୟକାର ଆକର୍ଷଣକୁ ଅଧିକ ମଂତ୍ରମୁଗଧ୍ କରିଥାଏ । ଇତିହାସ ଗବେଷକଙ୍କ ମତରେ ମାରାଗୁଡ଼ା ଉପତ୍ୟକା ବିଶେଷତଃ ସାହିତ୍ୟ, ସଂସ୍କୃତି ଓ ଧର୍ମୀୟ ଭାବନାର ପ୍ରାଣକେଂଦ୍ର ଥିଲା । ଏହାର ସମୃଦ୍ଧି ରାମାୟଣ ଯୁଗରୁ ଆରମ୍ଭ ହୋଇ ନଳ, ପାଣ୍ଡୁ, କଳାଚୁରୀ, ନନ୍ଦ, ଶରଭପୁରୀୟ ଶକ୍ତିମାନଙ୍କୁ ଦିନେ ଆକୃଷ୍ଟ କରିଥିଲା । ଏହି ସଭ୍ୟତାରେ ଶାକ୍ତ, ଜୈନ, ବୌଦ୍ଧ, ବୈଷ୍ଣବ ତଥା ଶୈବ ଉପାସନା ହେଉଥିବାର ଗବେଷକ ମାନେ ପ୍ରମାଣ ଦିଅନ୍ତି । ଶୈବ ଓ ଶାକ୍ତ ପରମ୍ପରାର ମିଶ୍ରଣରେ ସୃଷ୍ଟି ହୋଇଥିବା ତାଂତ୍ରିକ ମତବାଦ ଏଠାକାର କଳାକୃତି, ସାମାଜିକ ଓ ସାଂସ୍କୃତିକ ଧାରାରେ ପ୍ରତିବିମ୍ବିତ ହୋଇଛି । ମାରାଗୁଡ଼ା ଉପତ୍ୟକାର ଅନେକ ଲୋକକଥା, ଲୋକନତ୍ୟ, ଲୋକଗୀତ, ଲୋକବାଦ୍ୟ ଏଠିକାର ପ୍ରାଚୀନ ପାରମ୍ପରିକ ଭାବଧାରାକୁ ଅଧିକ ଜୀବନ୍ତ ରଖିବାରେ ସହାୟକ ହୁଏ । ଏଥିସହ ରସରକେଲି, ଡାଲଖାଇ, ମାଏଲାଜଡ଼, ଶୁଆନାଚ, ଶିଂଘବଜା, ଘୁମୁରା, ବଜନିଆ, ନଚନିଆ, ପନ୍ଥୀ, ବଜାଶାଳ, ଦୁଲାବିହା, ମାଦଳନାଚ, ଭୀମାନାଚ, ବନାବାଡ଼ି ଆଦି ଭଳି ପୁରୁଷାନୁକ୍ରମେ ଚଳି ଆସିଥିବା ସାଂସ୍କୃତିକ ବିଭବ ସହ ଲୋକପ୍ରଥା, ଲୋକଚଳଣୀ, ବିଶ୍ୱାସ, ପ୍ରବାଦ, ମନ୍ତ୍ରତନ୍ତ୍ର, ମାଙ୍ଗଳିକ, ସାମାଜିକ, ଧାର୍ମିକ ଆଦି ପାର୍ବଣ ପ୍ରଭୃତି ଏ ସଭ୍ୟତାର ବିଶେଷତ୍ୱକୁ ପ୍ରତିପାଦିତ କରେ । ଶୁଆନାଚ ଏହି ଜିଲ୍ଲାର ଅନନ୍ୟ କଳାକୁ ବଖାଣୁଥିବା ବେଳେ ଚୈତ୍ରା ଯାତ୍ରା ଠାରୁ ଭାଦ୍ରବ ପଂଚମୀର ନୂଆଁଖାଇ ପର୍ଯ୍ୟନ୍ତ ଏଠିକାର ପ୍ରତ୍ୟେକଟି ବିଶ୍ୱାସ ଓ ସାଂସ୍କୃତିକ ପର୍ବ ସାଧାରଣ ଜୀବନଜୀବିକା ସହ ଓତଃପ୍ରୋତ ଭାବରେ ଜଡ଼ିତ ଥିବାରୁ ଖୁବୁ ନିଆରା ମନେ ହୁଏ । ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜଣାଯାଏ ଯେ, ଚୀନ ପରିବ୍ରାଜକ ହୁଏନସାଂ ତାଙ୍କ ଭାରତ ଭ୍ରମଣ ସମୟରେ ମାରାଗୁଡ଼ା ପରିଭ୍ରମଣ କରି ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଭବ୍ୟ ସଂସ୍କୃତିକୁ ଦେଖି ଆତ୍ମହରା ହୋଇଥିବା ନିଜେ ବର୍ଣ୍ଣନା କରିଛନ୍ତି । ସାଂପ୍ରତିକ ସମୟରେ ଏଠାରେ ହେଉଥିବା ପ୍ରତ୍ନତାତ୍ୱିକ ଖନନ ଓ ଅନୁସନ୍ଧାନରୁ ପ୍ରାଚୀନ ସମୟର ଏକ ଐଶ୍ୱର୍ଯ୍ୟଶାଳୀ ନଗରର ଭଗ୍ନାବଶେଷ ପ୍ରାପ୍ତ ହୋଇଛି । ପ୍ରାଚୀନ ଭାରତୀୟ ନଗର ସଭ୍ୟତା ଓ ସାମାଜିକ ତଥା ଧାର୍ମିକ ତଥ୍ୟର ସନ୍ଧାନ ମିଳିଥିବାରୁ ମାରାଗୁଡ଼ା ଐତିହାସିକ ମଂଚରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ସ୍ଥାନରେ ପ୍ରାଚୀନ ଦକ୍ଷିଣ କୋଶଳ ରାଜ୍ୟର ଏକ ସମୃଦ୍ଧଶାଳୀ ରାଜଧାନୀ ଅବସ୍ଥିତ ଥିବା ବିଭିନ୍ନ ସମୟର ପ୍ରତ୍ନତାତ୍ୱିକ ଖନନରୁ ସ୍ପଷ୍ଟ ସୂଚନା ମିଳେ ।

ଦାରିଦ୍ରତାର କଷାଘାତରେ ବାରମ୍ବାର ଉବୁଟୁବୁ ହୋଇ ଦିନେ ଭୋକର ଭୂଗୋଳ ବୋଲାଉ ଥିବା ନୂଆପଡ଼ା କିନ୍ତୁ ତା'ର ସମୃଦ୍ଧିଶାଳୀ ସାହିତ୍ୟ, ସଂସ୍କୃତିର ଅନୁରୂପ ଅନ୍ଧାରର ଛାତି ଚିରି ଏବେ ବିକାଶର ଆଲୋକ ଆଡ଼କୁ ଧାବବାନ । ଉପାନ୍ତର ଆଖ୍ୟା ପାଇ ଉପେକ୍ଷାର ଶିକାର ହୋଇ ଆସିଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସେଦିନର ସବା ସାନପୁଅ ଆଜି ଜଣେ ସଶକ୍ତ ସୁଢଳ ସାହାସୀ ଯୁବକ ଭାବରେ ସମ୍ଭ୍ରାନ୍ତ ପଥରେ ଅଗ୍ରସର ହେଉଥିବା ପରିଲିକ୍ଷିତ ହୁଏ ।

+ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

କବିତା କୋଣାର୍କ

## ନିଶା

### ପ୍ରମୋଦ କୁମାର ମହାପାତ୍ର



ମୁଁ ଟିକେ ଟିକେ ପିଇଛି,
ପିଇଛି ବୋଲିତ
ଆଜିଯାଏ ବଞ୍ଚିଛି,
ମୁଁ ନାଲି ରଙ୍ଗେ ହଜିଛି,
ହଜିଛି ବୋଲି ତ
ଦୁନିଆରେ ରହିଛି ।

ଛୋଟ ଛୋଟ କଥା ଶୁଣି ମୁଣ୍ଡ ହୁଏ ଗରମ
ମୁଣ୍ଡ ଗରମ ହେଲେ ଭାଇ
ମିଳେ ନାହିଁ ମଲମ,
ହେଲେ ମାଲପାଣି ମାରିଦେଇ
ସବୁ ଦୁଃଖ ଭୁଲୁଛି ।
ଯାହାକୁ ବି ଦେଖ ଭାଇ
ଟଙ୍କାର ଗୋଲାମ
ଟଙ୍କା ଥିଲେ ଦିନରାତି
ମାରୁଛି ସଲାମ,
ହେଲେ ଯାହା ପାଖେ ଟଙ୍କା ନାହି
ତା'କୁ କେ ପଚାରୁଛି ?

କୋଳାହଳ ଚାରିଆଡ଼େ
ଆଖି କାନ ବନ୍ଦ
ଜାଣି କହିହୁଏ ନାହିଁ କିଏ ଭଲ,
କିଏ ମନ୍ଦ
ହେଲେ 'କଲେ ଭଲ, ହୁଏ ଭଲ'
ଏଇ କଥା ବୁଝିଛି ।

+କଳାପାଣି,ଜି - ବରଗଡ଼,
ମୋ - ୯୪୩୭୫୭୮୩୧୧

## ଦୁନିଆଁ

### ପ୍ରେମାନନ୍ଦ ପାଣିଗ୍ରାହୀ

ଦୁନିଆଁରେ ଭଲ ମୁଁ କାହାକୁ ପାଇବି
ଯିଏ ମତେ କେବେ ସାଥୀଟିଏ ଭାବି
ହୃଦୟରେ ସ୍ଥାନ ଦେଇନି ।
ଅଧିକାର ମୁଁ କାହା ଉପରେ କରିବି
ଯିଏ କେବେ ମୋ ପାଦ ସହ
ପାଦ ମିଳାଇ
ବାଟ ଚାଲିବାକୁ କଥା ଦେଇନି ।
ଅଭିମାନ ମୁଁ କାହା ଉପରେ କରିବି
ଯାହାର ଭାବନାରେ ମୁଁ
କେବେ ଆସିନି,
ଘୃଣା ମୁଁ କାହାକୁ କରିବି
ଯିଏ ମତେ କେବେ ବିଶ୍ୱାସକୁ ନେଇନି ।
କଥା ମୁଁ କାହା ସହ ହେବି
ଯିଏ ମୋ କଥାକୁ କେବେ
ଶୁଣିବାକୁ ଇଚ୍ଛା କରିନି,
ସ୍ନେହ ମୁଁ କାହାକୁ ଦେବି
ଯିଏ ମତେ କେବେ ସେବା କରିବାର
ସୁଯୋଗ ଦେଇନି ।
ରାଗ ମୁଁ କାହା ଉପରେ କରିବି
ଯିଏ ମତେ କେବେ ଅଧିକାର ଦେଇନି,
ଦୀପ ମୁଁ କାହା ପାଇଁ ଜାଳିବି
ଯିଏ ମତେ କେବେ
ଆଲୋକ ଦେଖାଇନି ।
ପାପ ମୁଁ କାହା ପାଇଁ କରିବି
ଯିଏ ମତେ କେବେ ପୂଣ୍ୟ ଆଡ଼କୁ
ଢଳି ଯିବା ପାଇଁ ଇସାରା ଦେଇନି ।
ଫୁଲ ମୁଁ କାହା ପାଇଁ ସାଜିବି
ଯିଏ ମତେ କେବେ ମାଳାଟିଏ ପରି
ତା ଗଭାରେ ବେଣୀ ବାନ୍ଧିନି ।

+ଭୁଷଳ, ଭୁବନ, ଢେଙ୍କାନାଳ
ମୋ- ୯୪୩୭୭୨୯୩୮୪





# ବୁଦ୍ଧି ଶିଖିଲା ଭୋଲୁ

## ନଗେନ୍ଦ୍ର ନାଥ ପଟ୍ଟନାୟକ



ଗୋଟିଏ ଜଙ୍ଗଲରେ ଭାଲୁଟିଏ ରହୁଥାଏ। ନାଆଁ ତା'ର ଭୋଲୁ । ମହୁ ଟିକଟି ଭୋଲୁର ଭାରି ପସନ୍ଦ। ପେଟେ ଖାଇଲେ ବି ତା ମନ ବୁଝେନାଇଁ । ବେଶି ବେଶି ଚାଟି ଚୁଟି ଖାଇ ବାକୁ ଇଚ୍ଛା । ଯେତେବେଳେ ସେ ମହୁର ମହମହ ବାସ୍ନା ଭାସିଆସି ତା ନାକରେ ବାଜେ ସେ ସଙ୍ଗେ ସଙ୍ଗେ ସେଇ ଆଡ଼ିକି ଧାଇଁଯାଏ । ପାଟିରୁ ଥପ ଥପ ହୋଇ ପାଣି ଗଡିଆସେ । ସହଜେ ତ ଜୀବଟିଏ, ତା ମନ ପସନ୍ଦର ଖାଇବା ଦରବର ଲୋଭକୁ କେମିତି



ରୋକିବ ଯେ।

ଦିନକର କଥା, ଜଙ୍ଗଲରେ ଆହାର ଉଦ୍ଦେଶ୍ୟରେ ଘୂରି ବୁଲୁ ବୁଲୁ ଗୋଟିଏ ଜାଗାରେ ଥିବା ଘଞ୍ଚଗଛଟି ଦେଖିଲା । ସେଇ ଗଛଟି ଉପରେ ମହୁମାଛିଙ୍କର ଏକ ବଡ ଛତାଟି ଉପରେ ତା ଆଖିଯୋଡ଼ିକ ଲାଖିଗଲା । ଦଣ୍ଡେ ଘଡ଼ିଏ ସେ ଆଡ଼କୁ ଜୁଳୁ ଜୁଳୁ ଆଖିରେ ଅନେଇ ରହିଲା । ଛତାରୁ ମହମହ ମିଠାବାସ ଚହଟି ଆସୁଥିଲା । ସେଇ ବାସ୍ନାରେ ଭୋଲୁ ପାଟିରୁ ଥପଥପ ହୋଇ ପାଣି ଗଳିବାକୁ ଲାଗିଲା ।

ଭୋଲୁ ମନେମନେ କହିଲା - ଆରେ ବାହା, ଆଜି ତ ମତେ ଢେର୍ ଅଧିକ ମହୁ ମିଳିବ। ସେ ଧୀରେଧୀରେ ଗଛଟି ପାଖକୁ ଆଗେଇଲା । ସେଠାରେ ପହଞ୍ଚି ସେଇ ଗଛଟି ଉପରେ ଚଢ଼ିଲା। ଗଛର ମୋଟା ଡ଼ାହିରେ ଥିବା ଛତାଟି ଉପରେ ଆସ୍ତେକିନା ହାତ ରଖିଲା । ସେ ଛଟାରୁ ମହୁ ଆଣିବାକୁ ଗଲା ବେଳକୁ ମହୁମାଛି ପଲକଯାକ ହଠାତ ଚେଇଁ ଉଠିଲେ । ଆଉ ଆଖି ପିଛୁଳାକେ ରାଗରେ ନିଆଁବାଣ ହୋଇ ଭାଲୁ ପଛରେ ଗୋଡ଼ାଇବାକୁ ଲାଗିଲେ। ଏବେ ଭୋଲୁର ଅକଲ ଗୁଡୁମ୍ ; ବୁଦ୍ଧିବାଟ କିଛି ଦିଶିଲା ନାଇଁ। ସେ ଘାବୁରେଇ ଯାଇ ପ୍ରାଣ ବିକଳରେ ଇଆଡ଼େ ସିଆଡେ ପଳାଇବାକୁ ଲାଗିଲା। ଧଇଁ ସଇଁ ହୋଇ ଏଣେତେଣେ ଧାଉଁଥିବା ବେଳେ ତା ଆଖି ଲାଖିଗଲା ଗୋଟିଏ ନଈ ଉପରେ । ମଉକା ଦେଖି ସେଇ ନଈ ଭିତରକୁ କୁଦିପଡିଲା। ମହୁମାଛିମାନେ ଟିକିଏ ବେଳଯାଏ ତା ଉପରେ ଘୂରି ବୁଲିଲେ । ତା ପରେ ପୁଣି ଫେରି ଆସି ଛତା ଭିତରକୁ ଚାଲିଗଲେ। ଭାଲୁ ନଈପାଣିରୁ ବାହାରି ଆସି କହିଲା - ଆରେ, ଯାହାହଉ ବଞ୍ଚିଗଲିରେ ବାବା। କାହାକୁ କିଛି ନ ପଚାରି ଘର ଛାଡ଼ିବା ମୋ ପାଇଁ ଠିକ୍ ନୁହେଁ । ଏଣିକି ମୁଁ ଏଭଳି କେବେ କରିବିନି। ସେଇ ଦିନଠାରୁ ଭୋଲୁ ଭାଲୁ ବୁଦ୍ଧି ଶିଖିଲା । ଲୋଭ ଓ ଦୁଷ୍ଟାମି କେବେକେବେ ବିପଦକୁ ଡାକି ଆଣେ ବୋଲି ସେ ଜାଣିବାକୁ ପାଇଲା ।

+ଲକ୍ଷ୍ମୀ ସାଗର କେନାଲ ରୋଡ,
ଭୁବନେଶ୍ୱର

# ସକାଳୁଆ ସ୍କୁଲ...

## ରାମଚନ୍ଦ୍ର ବେହେରା

ଗ୍ରୀଷ୍ମ ତପତ ଅସହ୍ୟ ହେଲାଣି
ଜଳିଯାଏ ଦେହ ହାତ
ସେଥିପାଇଁ ରାଜ୍ୟେ ସକାଳୁଆ ସ୍କୁଲ
ଚାଲୁ ହୋଇଗଲା ମିତ।

କାଉ ଡାକ ଶୁଣି ସଅଳ ଉଠିବା
କରିବାନି ମୋଟେ ଡେରି
ସହି ସମୟରେ ବିଦ୍ୟାଳୟ ଯିବା
ସାରା ନିତ୍ୟକର୍ମ ସାରି।

ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଛି
ନୂଆ ଶ୍ରେଣୀରେ ବସିବା
ନୂଆ ବିଷୟକୁ ଧ୍ୟାନରେ ପଢିବା
ତିଳେ ହେଳା ନକରିବା।

ଛୁଟିବେଳ ହେଲେ ବାହାରେ ନବୁଲି
ଘରକୁ ଆସିବା ଫେରି
ପାଦରେ ଚପଲ ମୁଣ୍ଡେ ରଖି ଛତା
ପାଣି ବୋତଲକୁ ଧରି।

ଘରେ ପହଂଚିଲେ ପଖାଳ ତୋରାଣି
ସରାଗେ ଖାଇବା ମିତ
ବେଲପଣା ଦବି ସର୍ବତ ପିଇବା
ଦେହ ପାଇଁ ସିଏ ହିତ।

ଖରା ନଇଁଗଲେ ପାଖ ପଡିଆରେ
ହରଷ ମନେ ଖେଳିବା
ସଂଜେ ପାଠ ପଢି ରାତି ଖାଦ୍ୟ ଖାଇ
ସଅଳ ଆମେ ଶୋଇବା।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଖରାକୁ ଜଗିକି ଚଳିବା

## କୀର୍ତ୍ତନ ସାହୁ

ଚଇତ ମାସଟି ଯାଇନି
ଟାଣ ହେଲାଣି ଖରା
ବାହାରକୁ ଟିକେ ଗଲେରେ
କଷ୍ଟ ଦେଲାଣି ଭରା।

ଛତା ଦେଉଅଛି ମୁଣ୍ଡରେ
ଛାଇ ପାଇବା ପାଇଁ
କାମ ସାରି ସିଧା ଘରକୁ
ଫେରି ଆସି ମୁଁ ଥାଇ ।

ଲେମ୍ବୁ ଲୁଣ ଥଣ୍ଡା ପାଣିର
ସରବତ ମୁଁ ପିଏ
ବେଳେ ବେଳେ ବେଲ ପଣାକୁ
ଖୁସିରେ ପିଇ ନିଏ ।

ପାଠ ପଢା ଯାହା ଥାଏ ମୋ
ସଞ୍ଜ ସକାଳେ କରେ
ପଙ୍ଖା ତଳେ ବସି ପଢ଼ିକି
ବହି ବସ୍ତାନି ଭରେ ।

ଖରା ବେଳେ ଗଛ ଛାଇଟି
ଟିକେ ଆରାମ ଦିଏ
ବୋତଲରୁ ପାଣି ଖୋଲିକି
ବେଗେ ପିଇ ମୁଁ ନିଏ ।

ଖରା ପାଇଁ ହେବା ସତର୍କ
ହେବାନି ତରବର
ଜଗିକି ଯଦି ନ ଚଳିବା
ହେବାହିଁ ହରବର ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧



# କହିବା ଆଗରୁ ଭଲକରି ଭାବିବା

## ସନ୍ତୋଷ କୁମାର ଅଦାବର



ପୁଷ୍ପପୁର ଗୋଟିଏ ଛୋଟ ଗାଆଁରେ ଯଦୁ ତାଙ୍କର ପତ୍ନୀ ଏବଂ ଝିଅ ସହ ରହୁଥିଲେ । ସେ ଧାନ ଚାଷ ସହିତ ପନିପରିବା ଚାଷକରି ଖୁସିରେ ତାଙ୍କ ପରିବାର ପ୍ରତିପୋଷଣ କରୁଥାଆନ୍ତି । ସେମାନେ ସଭିଏଁ ଅତି ସରଳ ଏବଂ ଶାନ୍ତ ସ୍ୱଭାବର। ତାଙ୍କ ପଡ଼ୋଶୀ ନୀଳକଣ୍ଠ ତାଙ୍କ ପତ୍ନୀ, ପୁଅ ଏବଂ ବୃଦ୍ଧ ପିତାଙ୍କ ସହ ରହୁଥିଲେ। ଉଭୟ ପରିବାର ବିପଦ ଆପଦରେ ସାହାଯ୍ୟ ସହଯୋଗ କରି ମିଳିମିଶି ଚଳନ୍ତି ।

ଦିନେ ଯଦୁ ପ୍ରଥମ ଥର ପାଇଁ କିଛି ଅର୍ଥ ନୀଳକଣ୍ଠଙ୍କୁ ଧାର ମାଗିଲେ । ନୀଳକଣ୍ଠ ଜଣେ ବ୍ୟବସାୟୀ ହେଲେ ବି ସେ କାହାରିକୁ ଆର୍ଥିକ ଧାର ବା ସାହାଯ୍ୟ କରୁନଥିଲେ । ତେଣୁ ସେ ଯଦୁଙ୍କୁ ମିଛ କହି କହିଲେ- ବନ୍ଧୁ, ମୋର ବ୍ୟବସାୟ ମାନ୍ଦା ଅବସ୍ଥା ହେତୁ ବର୍ତ୍ତମାନ ମୋର ଆର୍ଥିକ ଅଭାବ ଅଛି । ତୁମେ ଆଉ କାହାଠାରୁ ଯୋଗାଡ଼ କର । ମୁଁ ଟଙ୍କା ଦେଇପାରିବି ନାହିଁ।

ଠିକ୍ ତା' ପରଦିନ ନୀଳକଣ୍ଠଙ୍କର ଖାଇବା ପାଇଁ ଚାଉଳର ଦରକାର ହେଲା । ସବୁଥର ସେ ଯଦୁ ପାଖରୁ କିଣନ୍ତି । ଚାଉଳ ନେବାର କିଛି ଦିନ ପରେ ଟଙ୍କା ଦେଇଥାଆନ୍ତି। ଯଦୁ କିଛି କହନ୍ତି ନାହିଁ କାରଣ ସେ ତାଙ୍କ ପଡ଼ୋଶୀ । ପଡ଼ୋଶୀଙ୍କୁ ସାହାଯ୍ୟ କରିବା ମାନବିକତାର ପରିଚୟ,ଏକଥା ଯଦୁଙ୍କୁ ଜଣା। ତେଣୁ ସେ ବିନା ଦ୍ୱନ୍ଦ ଦ୍ୱିଧାରେ ନୀଳକଣ୍ଠଙ୍କର ଯେତେ ଚାଉଳର ଦରକାର ଥିଲା ସେତିକି ଚାଉଳ ଦେଇଦେଲେ।

ନୀଳକଣ୍ଠ ନିଜେ କହିଥିବା ମିଛ କଥାକୁ ଭଲଭାବରେ ବୁଝିପାରି ଯଦୁଙ୍କୁ ତାଙ୍କ ଘରକୁ ଡାକି କ୍ଷମା ମାଗିଲେ । ପୂର୍ବଥର ଭଳି ସେ ଚାଉଳ କିଣି ସାରି ଟଙ୍କା ଦେବାରେ ବିଳମ୍ବ ନ କରି ତତକ୍ଷଣାତ୍ ସବୁ ଟଙ୍କା ଦେଇଦେଲେ । ଯଦୁ ଟିକିଏ ଆଶ୍ଚର୍ଯ୍ୟ ଦେଖାଯାଉଥିବାର ଦେଖି ନୀଳକଣ୍ଠ ନିଜ ଭୁଲ୍ ପାଇଁ ପୁନଶ୍ଚ କ୍ଷମା ପ୍ରାର୍ଥନା କଲେ । ଯଦୁ ଉଦାର ଗଳାରେ ସେମିତି କିଛି ନୁହଁ ବନ୍ଧୁ କହି ମୁରୁକି ହସିଦେଲେ । ତାଙ୍କର ଏସବୁ କଥା ନୀଳକଣ୍ଠଙ୍କର ବୃଦ୍ଧ ପିତା ଦେଖୁଥାଆନ୍ତି । ଯେତେ ହେଲେ ବି ନିଜ ପୁଅ ସବୁବେଳେ ବାପାଠାରୁ ସାନ ଏବଂ ପ୍ରତି ମୁହୂର୍ତ୍ତରେ ବାପାଠାରୁ ପୁଅ ଶିଖିବାର ଆବଶ୍ୟକତା ରହିଛି । ଏଣୁ ନୀଳକଣ୍ଠଙ୍କର ପିତା କହିଲେ- ବୁଝିଲୁ ନୀଳକଣ୍ଠ, ତୁ ସିନା ଯଦୁକୁ ମିଛ କହି ଥରେ ଭୁଲ୍ କରିଦେଇଛୁ। ଏବେ ପୁଣି କ୍ଷମା ମାଗୁଛୁ । ଯଦୁ ତୋତେ କ୍ଷମା କରିଦେବ; କିନ୍ତୁ ସାରା ଜୀବନ ସେ ତୋର ଏଇ ଭୁଲ୍ କାମକୁ ଭୁଲିପାରିବ ନାହିଁ । ଏଣୁ କିଛି କହିବା ପୂର୍ବରୁ ଭଲକରି ଥରେ ଚିନ୍ତାକରିବା ଉଚିତ୍ । ଭୁଲ୍ ପାଇଁ ଜଣେ କ୍ଷମା କରିଦେଇ ପାରିବ; କିନ୍ତୁ ସେ ଭୁଲ୍‌କୁ ସେ କଦାପି ଭୁଲି ପାରିବ ନାହିଁ । ବାପାଙ୍କ କଥା ନୀଳକଣ୍ଠ ବୁଝିପାରିଲେ ଏବଂ ଆଗକୁ ଆଉ କାହା ସହ ସେଭଳି ନ କରିବାକୁ ମନେ ମନେ ପଣ କଲେ ।

+ବୀରମହାରାଜପୁର, ସୁବର୍ଣ୍ଣପୁର

# ସ୍ୱାଭିମାନୀ ରଘୁ

## ସୁବ୍ରତ କୁମାର ଦାସ





ପ୍ରିତୀପୁର ଗାଁରେ ବାସ କରୁଥିଲେ ଦୁଇ ଭାଇ ରଘୁ ଓ ମଧୁ। ଦୁହେଁ ଗରିବ ପରିବାରରେ ଜନ୍ମ ହୋଇଥିଲେ ସତ କିନ୍ତୁ ତାଙ୍କ ମନରେ ଥିଲା ବଡ଼ ସ୍ୱପ୍ନ। ରଘୁ ବଡ଼ ଭାଇ, ସେ ଅତ୍ୟନ୍ତ ସତ୍ୟବାଦୀ ଓ ସ୍ୱାଭିମାନୀ ଥିଲା। ମଧୁ ଛୋଟ ଭାଇ। ସେ ଦୁଃଖ କଷ୍ଟ ଦେଖି ଶିଘ୍ର ହତାଶ ହୋଇଯାଏ। ଦିନେ ଦୁଇ ଭାଇ ସହରକୁ କାମ ଖୋଜିବାକୁ ଗଲେ। ଅନେକ ଦିନ ଧରି କାମ ମିଳିଲା ନାହିଁ। ତେଣୁ ଖାଇବାକୁ ମଧ ଭଲ ନଥିଲା। ମଧୁ କହିଲା, ଭାଇ, ଆମେ ଯଦି କାହା ପାଖରୁ କିଛି ଧନ ମାଗି ନେବା, ତାହେଲେ ଆମର ଅସୁବିଧା ଦୂର ହୋଇ ଯିବ। ରଘୁ ଶାନ୍ତ ଭାବରେ କହିଲା, ମଧୁ, ଦୁଃଖ ଓ ଦାରିଦ୍ର୍ୟ ଆସିଲେ ମଧ ଆମେ ଆମ ସ୍ୱାଭିମାନକୁ ବିକ୍ରି କରିପାରିବା ନାହିଁ। ପରିଶ୍ରମ କରି ଖାଇବା ହେଉଛି ସତ୍ୟ ପଣିଆ। କିଛି ଦିନ ପରେ ରଘୁ ଗୋଟିଏ ଛୋଟ କାମ ପାଇଲା। ଘର ତିଆରି କାମରେ ଦୀନ ମଜୁରିଆ ଭାବେ କାମ ମିଳିଲା। ମଜୁରୀ କମ୍ ଥିଲା, କିନ୍ତୁ ସେଥିରେ ସେ ଖୁସି ହେଉଥିଲା। ସେ ନିଜ ପରିଶ୍ରମରେ ଧନ ଅର୍ଜନ କରି ମଧୁକୁ ଖାଇବାକୁ ଦେଲା। ମଧୁ ଦେଖିଲା ଯେ ଭାଇ ଅଳ୍ପ ଧନରେ ବି ଗର୍ବର ସହିତ ବଞ୍ଚୁଛନ୍ତି। ସେ ନିଜ ଭୁଲ୍ ବୁଝିଲା। ସେ ମଧ କାମ କରିବା ଆରମ୍ଭ କଲା। ପରିଶ୍ରମ କରି ସ୍ୱାଭିମାନ ସହ ବଞ୍ଚିବାକୁ ହେଲେ କୌଣସି କାମକୁ ଲଜ୍ୟା କରିବା ଉଚିତ୍ ନୁହେଁ ବୋଲି ଅନୁଭବ କଲା। କିଛି ଦିନ ପରେ ଦୁହେଁ ଭଲ ଅବସ୍ଥାକୁ ପହଞ୍ଚିଲେ। ଗାଁକୁ ଫେରିଲେ, ସେମାନଙ୍କୁ ଲୋକେ ସମ୍ମାନ ଦେଲେ। ମଧୁ ଭାଇକୁ କହିଲା, ଭାଇ, ଆଜି ମୁଁ ବୁଝିଲି, ଧନଠାରୁ ବଡ଼ ହେଉଛି ସ୍ୱାଭିମାନ। କାରଣ ସ୍ୱାଭିମାନ ମଣିଷର ସବୁଠୁ ବଡ଼ ସମ୍ପତ୍ତି। ସେଥିରେ କଷ୍ଟ ଥାଇପାରେ, କିନ୍ତୁ ସତ୍ୟ ଓ ପରିଶ୍ରମରେ ଜୀବନ ଜୀଇଁବା ହିଁ ସର୍ବଦା ସାର୍ଥକ ହୋଇଥାଏ।

+ରାଜେନ୍ଦ୍ରପୁର,
ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

# ଭୁଲ ଠିକର ନିକାଶ

## ପ୍ରତିଭା ଦାଶ



ଥରେ ଶିକ୍ଷକ ଶ୍ରେଣୀରେ ବିଜ୍ଞାନ ବହିର ସୌରମଣ୍ଡଳ ପାଠ ପଢ଼ାଉଥିଲେ। କଳାପଟାରେ ସୂର୍ଯ୍ୟ ଓ ଗ୍ରହଙ୍କ ଅବସ୍ଥିତି ଏବଂ ଆବର୍ତ୍ତନ, ପରିକ୍ରମଣ ବିଷୟରେ ଆଲୋଚନା କରି ଲେଖୁଥିଲେ । ସୂର୍ଯ୍ୟ ଗୋଟିଏ ନକ୍ଷତ୍ର । ତା'ର ନିଜର ଆଲୋକ ଅଛି । ତା'କୁ ସକଳ ଶକ୍ତିର ଆଧାର କୁହାଯାଏ । ସୌରମଣ୍ଡଳର ମୁଖ୍ୟ ସୂର୍ଯ୍ୟ ଅଟନ୍ତି। ଏହା ପୃଥିବୀ ଚାରିପଟେ ଘୂରେ, ଲେଖିବା ମାତ୍ରେ ଛାତ୍ରମାନେ ଖୁବ୍ ଜୋର୍‌ରେ ହସିଲେ ଏବଂ କହିଲେ, 'ସାର୍ ଆପଣ ଭୁଲ୍ ଲେଖିଛନ୍ତି। ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରେ ହେବ। ଆପଣ ଜାଣି ନାହାନ୍ତି ଆଉ ଆମକୁ କ'ଣ ପଢ଼ାଇବେ ?' ଏହା ଶୁଣି ଶିକ୍ଷକ ମୁରୁକି ହସି କହିଲେ,'ସୂର୍ଯ୍ୟଙ୍କ ବିଷୟରେ ବହୁତ ଗୁଡିଏ ଆଲୋଚନା କରିଲେ ସେ ମଧ୍ୟରୁ ଜାଣିକି ମୁଁ ଗୋଟିଏ ଭୁଲ୍ ଲେଖିଲି। ଯେତେବେଳେ ଠିକ୍ ଲେଖୁଥିଲି ସେହି ସମୟରେ ପ୍ରଶଂସା କଲନି ପିଲେ । ହେଲେ ଯେତେବେଳେ ଭୁଲ୍ ବାକ୍ୟଟିଏ ଲେଖିଦେଲି, ତୁମେମାନେ ମୋତେ ବହୁତ ଶୁଣେଇଲ ।'

ଶିକ୍ଷକ ପୁଣି କହିଲେ,'ମୋର ଲେଖିବାର ଅଭିପ୍ରାୟ ଏହା ଯେ ଆମେ ସଦାସର୍ବଦା ଭୁଲକୁ ଅନ୍ୱେଷଣ କରୁ ଏବଂ ତର୍ଜମା କରି ମତାମତ ଦେଉଁ । ଅଥଚ ଠିକ୍ କଥାକୁ ଅଣଦେଖା କରୁ । ସେ କଥାକୁ ଆଦୌ ଗୁରୁତ୍ୱ ଦେଇ ନ ଥାଉ । ଚାହିଁଲେ ସେଥିପାଇଁ ଆମେ ପ୍ରଶଂସା ମଧ କରିପାରିବା। ସେ ମଣିଷ ଶହେଟି କାମ ଠିକ୍ କରିଥିବ ତାହାକୁ ସମ୍ମାନ ଦିଆଯାଏନା । ମାତ୍ର ଗୋଟିଏ ଭୁଲ କଲା ମାତ୍ରକେ ହାତର ପାଞ୍ଚ ଅଙ୍ଗୁଠି ତା' ଆଡ଼କୁ ଉଠି ଯାଇଥିବ ।' ଭଲ କାମରେ ପ୍ରଶସ୍ତି କଲେ ମଣିଷର କାର୍ଯ୍ୟ କରିବାର ଆଗ୍ରହ ବଢ଼ିବ ।

+ନୂଆପଡ଼ା
ମୋ: ୭୮୯୪୫୨୮୪୯୩

# ପୁଷିର ଖୁସି

## ପବିତ୍ର କୁମାର ସାହୁ

ତୁମ ପରି କୁନି ପିଲାଟିଏ ,
ହସି ଦେଲେ ମହୁ ଝରିଯାଏ।
ପଢୁଥିଲା ପାଠ ମନଦେଇ,
ସାଙ୍ଗସାଥୀ ମେଳେ ସତ କହି ।

ବାହାରିଲା ଦିନେ ପାଠ ପଢି,
କାନ୍ଧରେ ବସ୍ତାନି ଧରି ଖଡି।
ବାଟେ ଯିବାବେଳେ ପୁଷି ଏକ,
ଦେଖିଲା କାନ୍ଦୁଛି ମୋଡି ବେକ ।

କହିଲା ପିଲାଟି ଆଲୋ ପୁଷି,
କିମ୍ପାଇ କାନ୍ଦୁଛୁ ପିଣ୍ଡେ ବସି।
ତୋର ମାଆ କ'ଣ ତତେ ଛାଡ଼ି,
ଚାଲି ଯାଇଛି କି ବିଲ ବାଡି ।

କହିଲା ପୁଷି ତା ମନ କଥା,
ଆଠଦିନ ହେବ ପେଟ ବଥା।
ଭୋକ ଉପାସରେ ଛଟପଟ,
ଖାଇବାକୁ ନାହିଁ ରୁଟିପଟ ।

ତୋର ମାଆ ସିନା ଦୁଧଭାତ,
ଖୁଆଇ ଦେଇକି ହୁଏ ପ୍ରୀତ।
ପିଲା ବେଳୁ ଯମ ମା'କୁ ନିଏ,
ମୋର ଦୁଃଖ କଷ୍ଟ ବୁଝିବ କିଏ ?

ପିଲାଟି ତାହାର ଦୁଃଖ ଦେଖି ,
ଲୁହରେ ଭିଜିଲା ଦୁଇ ଆଖି ।
ମାଆ ଦେଇଥିବା ପୋଡ଼ପିଠା,
କଦଳୀ ଆରିସା ଲଡୁମିଠା ।

ଆଦରେ ବଢାଇ ଦେଲା ହାତେ
କହିଲା ପୁଷିଲୋ ଖାଆ ପେଟେ ।
ଖାଇଦେଲା ପୁଷି ନିଶ ମୋଡ଼ି,
ଆନନ୍ଦେ ଗଲା ସେ ତଳେ ଗଡ଼ି ।

ଜୀବନ ବଞ୍ଚିଲା ହେଲା ଖୁସି ,
କୁନି ପିଲା ସାଥେ ଖେଳେ ହସି ।

+ସଂସ୍କୃତ ଶିକ୍ଷକ
ଅଡାସାହି, ଆନନ୍ଦପୁର, କେନ୍ଦୁଝର
ମୋ - ୯୭୭୭୫୬୦୯୨୧

# ରଖିବା ଗାଆଁର ନାମ

## ନିରଞ୍ଜନ ସାହୁ

ଜନମ ମାଟି ସେ ଆମ ଗାଆଁ ଭୂଇଁ
ତା ପାଇଁ କରିବା କାମ
ତାହାରି ସନ୍ତାନ ହିସାବରେ ଆମେ
ଟେକ ରଖିବା ତା ନାମ ।

ତାହାରି ପବନ ତାହାରି ପାଣିରେ
ଜୀବନ ଧାରଣ କରି
ତାହାରି ମାଟିର ସୁନା ଫସଲରେ
ଉଦରରେ ଖାଦ୍ୟ ଭରି
ତାହାରି ସୁନ୍ଦର ପରିବେଶ ପରା
ଅଟଇ ପବିତ୍ର ଧାମ ।

ତାହାରି କୋଳରେ ଖେଳିଛେ ଡେଇଁଛେ
ନାଚିଛେ କୁଦିଛେ କେତେ
ତାହାରି ନାମରେ ପରିଚିତ ଆମେ
ଯେ ଯୁଆଡେ ଯାଅ ଯେତେ
ଦୂର ପ୍ରବାସରେ ମନେପଡ଼େ ସିଏ
କରୁକରୁ କାମଦାମ ।

ପିତାମାତାଙ୍କର ଋଣ ଶୁଝିବାକୁ
ଯେମିତି ବଳାଅ ମନ
ମାତୃଭୂମି ଗାଆଁ ଋଣ ଶୁଝିବାକୁ
ମନ ଧ୍ୟାନ ଦିଅ ଧନ
ତା ସେବାରେ ଅର୍ଥ, ସମୟ ଓ ଶ୍ରମ
ଦେବାଟି କର୍ତ୍ତବ୍ୟ ଆମ ।

ଧନ୍ୟ ସେହି ଜନ ଗାଆଁ ଉନ୍ନତିରେ
ଯାହାର ଆଗ୍ରହ ଥାଏ
ମାତୃଭୂମି ସେବା କରିବାରେ ସିଏ
ଅପାର ଆନନ୍ଦ ପାଏ
ମାତୃଭୂମି ସେବା ବିମୁଖ ଯେ ଅଟେ
ତା କର୍ମ ଅଟଇ ବାମ ।

+ନିହଲ ପ୍ରସାଦ, ଗଁଦିଆପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପରମ୍ପରା ବିଷୟକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ

ବାଲେଶ୍ୱର , ୧୦/୦୪ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ "ଭାରତୀୟ ଜ୍ଞାନ ପରମ୍ପରା ଓ ସାମଗ୍ରିକ ଶିକ୍ଷା: ନୀତି, ସମସ୍ୟା ଓ ସୁଯୋଗ" ବିଷୟକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଓ ବିଶେଷଜ୍ଞଗଣ ଅଂଶଗ୍ରହଣ କରିଥିଲେ ଏବଂ ଦେଶୀୟ ଜ୍ଞାନ ପରମ୍ପରା ପ୍ରତି ବୃଦ୍ଧିଶୀଳ ଆଗ୍ରହକୁ ନିଜର ତର୍କ ଓ ଆଲୋଚନା ମାଧ୍ୟମରେ ଉପସ୍ଥାପିତ କରିଥିଲେ। ନିଜର ଅଧ୍ୟକ୍ଷୀୟ ଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୂଲ୍ୟାଧାରିତ ଶିକ୍ଷାର ଆବଶ୍ୟକତା, ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଏବଂ ଜ୍ଞାନ ସୃଷ୍ଟି ଓ ପ୍ରସାରଣରେ ଦେଶୀୟ ଭାଷାମାନଙ୍କର ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ




ବିଶ୍ୱବିଦ୍ୟାଳୟର ପ୍ରଫେସର କାହ୍ନୁଚରଣ ସାହୁ ଯୋଗ ଦେଇଥିଲେ, ଯେଉଁଥିରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାନୁକୂଳ ପରିବେଶ ଓ ପ୍ରଶାସନିକ ନେତୃତ୍ୱକୁ ପ୍ରଶଂସା କରିଥିଲେ ତଥା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ। କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ, ଆଧୁନିକ ଶିକ୍ଷା ପ୍ରଣାଳୀରେ ଭାରତୀୟ ଜ୍ଞାନ ପରମ୍ପରାକୁ କିପରି ସମନ୍ୱୟ କରାଯାଇପାରେ ସେନେଇ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭିକ ଉଦବୋଧନରେ ବିଭାଗମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥିମାନଙ୍କୁ ସ୍ୱାଗତ କରି ସମ୍ମିଳନୀର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ଏଥିସହ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ବିଷୟବସ୍ତୁର ଆବଶ୍ୟକତା ଉପସ୍ଥାପନା କରିଥିଲେ ଓ ଡ଼କ୍ଟର ପ୍ରତିମା ପ୍ରଧାନ ଏହାର ଶିକ୍ଷାତ୍ମକ ଓ ସାମାଜିକ ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଶେଷରେ ଡ଼କ୍ଟର ରଞ୍ଜନ କୁମାର ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ।

ଦ୍ୱିତୀୟ ଦିନରେ ପ୍ରାୟୋଗିକ ଅଧିବେଶନ, ଗବେଷଣା ପତ୍ର ପ୍ରସ୍ତୁତି ଓ ଆମନ୍ତ୍ରିତ ଭାଷଣ ଆୟୋଜିତ ହୋଇଥିଲା। ଉପସମାହାର ଅଧିବେଶନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପ୍ରଫେସର ଭାସ୍କର ବେହେରା, ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା, କେନ୍ଦ୍ରୀୟ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ ସକ୍ସେନା ଓ ପ୍ରଫେସର ଭରତ କୁମାର ପଣ୍ଡା ଯୋଗଦେଇ ଉଚ୍ଚ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ଭବିଷ୍ୟତ ଉପରେ ମତବ୍ୟକ୍ତ କରିଥିଲେ ତଥା ସମ୍ମିଳନୀ ନିଷ୍କର୍ଷ ବିବରଣୀକୁ ପ୍ରଶଂସା କରିଥିଲେ। ସମ୍ମିଳନୀର ଆୟୋଜନ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ହୋଇଥିଲା, ଯେଉଁଥିରେ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ସଂଗଠନ ସଚିବ ଭାବେ କାର୍ଯ୍ୟଭାର ନେଇଥିଲେ ଏବଂ ଡ଼କ୍ଟର ପ୍ରତିମା ପ୍ରଧାନଙ୍କ ସହିତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ମାନେ ବିଶେଷ ସହଯୋଗ କରିଥିଲେ।

# କୋଲାବ ନଗରଠାରେ ମାନସିକଧାରୀଙ୍କ ଦଣ୍ଡନାଚ

ଜୟପୁର, ୧୦/୦୪ (ନି.ପ୍ର): କୋରାପୁଟ ବ୍ଲକ କୋଲାବ ନଗର ଠାରେ ମାନସିକଧାରୀଙ୍କ ଦଣ୍ଡ ନାଚ ହୋଇଛି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ କୋଲାବ ନଗର ସ୍ଥିତ ଜଗନ୍ନାଥ ମନ୍ଦିର ସାମ୍ନା ପ୍ରାଙ୍ଗଣରେ ଦଣ୍ଡ ନାଚ ଅନୁଷ୍ଠିତ ହୋଇଯାଇଛି । ଆମ ଓଡ଼ିଆଙ୍କ ପରମ୍ପରା ଅନୁଯାଇ, ଚୈତ୍ର ପୁର୍ଣିମା ଠାରୁ ଦକ୍ଷିଣ ଓଡିଶାରେ ଦଣ୍ଡ ନାଚ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ଏହି ପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟି ତରଫରୁ ଦଣ୍ଡ ନାଚ ଆୟୋଜନ କରାଯାଇଥିଲା । ଜୟପୁର ସ୍ଥିତ ପାଇକ ସାହି ମା ଦଣ୍ଡକାଳୀ ମନ୍ଦିରରୁ ପାଟ ଦଣ୍ଡୁଆ ଲକ୍ଷ୍ମଣ ନାୟକ ଓ କାଳିସୀ ବିଶ୍ୱନାଥ ଗୌଡ଼ ଆଜ୍ଞା ମାଳ ନେଇ ଘଂଟ, ଢୋଲ, କାହାଳି ଆଦି ପାରମ୍ପରିକ ବାଦ୍ୟ ବଜାଇ ଆସିଥିଲେ । କୋଲାବ ନଗର ସ୍ଥିତ ଭୁତ ନଗର ରାମ ଛକ ଠାରୁ ମାନସିକଧାରୀ ଭକ୍ତମାନେ ଦୁବ, ଚାଉଳ, ବରକୋଳି ପତ୍ର, ଶଙ୍ଖା ସିନ୍ଦୁର ଓ କଳାଶାଢ଼ୀ ଦେଇ ମା ଙ୍କୁ ବାଟ ବରଣ କରି ନଗର ପରିକ୍ରମା କରେଇ ଆଣି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆସନ କରାଯାଇଥିଲା । ସେଠାରେ ମା ଙ୍କୁ ଧୂପ ଦୀପ, ଝୁଣା ଦେଇ ପୂଜା କରି ନୈବେଦ୍ୟ ଅର୍ପଣ କରିଥିଲେ । ଏହାପରେ ଧୂଳି ଦଣ୍ଡ, କୋଲାବ ନଦୀରେ ପାଣିଦଣ୍ଡ, ସନ୍ଧ୍ୟାରେ ଅଗ୍ନି ଦଣ୍ଡ କରି ନଗର ଅଂଚଳ ପରିକ୍ରମା କରାଯାଇଥିଲା । ନଦୀ କୁଳରେ ମା ଙ୍କ ପଣା ସେବନ ଓ ମଧ୍ୟ ରାତ୍ରରେ ଅନ୍ନ ପ୍ରସାଦ ସେବନ କରିବାକୁ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ରାତି ସାରା ମା ଙ୍କ ନିକଟରେ ଗଞ୍ଜାମ କନିସି ଅଂଚଳରୁ ଆସିଥିବା ଭାରତ ଲୀଳା ମନୋରଞ୍ଜନ କାର୍ଯ୍ୟକ୍ରମ କମିଟି ତରଫରୁ ପରିବେଷଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ କମିଟିରେ ସିମାଚଂଳ ନାହାକ, ସତ୍ୟନାରାୟଣ ଦଳାଇ, ଶଶୀଭୁଷଣ ସ୍ୱାଇଁ, ଯୋଗେନ୍ଦ୍ର ଜେନା, ପ୍ରସାଦ ରାଓ, ନରସିଂହ ଗୌଡ଼, ସୁଦାମ ପଟନାୟକ, ହରିହର ବେହେରା, ବିଜୟ ନାହାକ ଓ ତାରିଣୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ଦଣ୍ଡ ନାଚ ଦକ୍ଷିଣ ଓଡିଶା ର ଆସ୍ଥା ଓ ବିଶ୍ୱାସ ର ପ୍ରତୀକ ହୋଇଥିବା ବେଳେ ଏହା ଓଡିଶାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ ପାଇଛି ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୧୦/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ବିଭିନ୍ନ ଅଂଚଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଯାହା ଫଳରେ ଅନେକ ଧନଜୀବନ କ୍ଷତିଗ୍ରସ୍ତ ହେଉଛି । ସଡ଼କ ସୁରକ୍ଷା ଜୀବନ ରକ୍ଷା ନିମନ୍ତେ ମାଲକାନଗିରି ଜିଲ୍ଲା ପୁଲିସ ଏବଂ ଆଂଚଳିକ ପରିବହନ ବିଭାଗ ଦ୍ୱାରା ମିଳିତ ଭାବେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ ଖୋଦ୍ ଯମରାଜ ଓ ଯମ ଦୂତ ମାନେ ଗାଡ଼ି ଚାଳକ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ନିୟମାବଳୀ ବୁଝାଇ ସଚେତନ କରୁଛନ୍ତି। ସହରର ପ୍ରତ୍ୟେକ ଛକ ଓ ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ଗାଡ଼ି ଚାଳକ ମାନଙ୍କୁ ଅଟକାଇ ଯମରାଜଙ୍କ ନିର୍ଦ୍ଦେଶ କ୍ରମେ ଚିତ୍ରଗୁପ୍ତଙ୍କ ଦ୍ୱାରା ସଡ଼କ ସୁରକ୍ଷା ନିୟମାବଳୀ ଦେଇଥିଲେ। ସେହିପରି ପୁଲିସ ପକ୍ଷରୁ ଗାଡ଼ି ଚାଳକଙ୍କୁ ମାଗଣା ହେଲମେଟ ଓ ଗୋଲାପ ଫୁଲ ପ୍ରଦାନ କରିବା ସହ ଗାଡ଼ି ଚଲେଇବା ନିୟମକୁ ପାଳନ କରିବା ପାଇଁ ସଚେତନ କରାଯାଇଥିଲା।

# ମେଡିକାଲ କଲେଜକୁ ମରଶରୀର ଦାନ

ପୁରୀ, ୧୦/୦୪ (ନି.ପ୍ର): ଏକ ସାର୍ବଜନୀନ ମହତ ଉଦ୍ଦେଶ୍ୟରେ ମେଡିକାଲ କଲେଜରେ ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ନିଜ ମାତାଙ୍କ ମୃତଶରୀର ଦାନ କରିଛନ୍ତି ପୁରୀ ସହରର ଜଣେ ଶିକ୍ଷାବିତ୍ । ପୁରୀ ଉପର ନୂଆସାହି ନିବାସୀ ସ୍ୱର୍ଗତ ବୈଦ୍ୟନାଥ ମହାନ୍ତିଙ୍କ ଧର୍ମପତ୍ନୀ ରାଧାମଣି ମହାନ୍ତି ଏପ୍ରିଲ ୬ ତାରିଖ ସନ୍ଧ୍ୟାରେ ଦେହତ୍ୟାଗ କରିବା ପରେ ତାଙ୍କ ପରିବାର ପକ୍ଷରୁ ମୃତଶରୀରକୁ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଶରୀର ସର ନା (ଆନାଟୋମି) ବିଭାଗରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଦାନ କରାଯାଇଛି । ନିଜ ମୃତଶରୀର ଦାନ ପାଇଁ ରାଧାମଣିଙ୍କ ସମେତ ତାଙ୍କର ୪ ପୁତ୍ର ଆଗ୍ରହ ପ୍ରକାଶ କରିବା ସହ ଗତ ଅକ୍ଟୋବର ମାସରେ କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଇଚ୍ଛାପତ୍ର ପ୍ରଦାନ କରିଥିଲେ । ଗତ ସୋମବାର ସନ୍ଧ୍ୟାରେ ଦେହ ତ୍ୟାଗ ପରେ ତାଙ୍କର ପୁତ୍ର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତର ପ୍ରାଣୀବିଜ୍ଞାନ ପ୍ରାକ୍ତନ ବିଭାଗମୁଖ୍ୟ ପ୍ରଫୁଲ୍ଲ କୁମାର ମହାନ୍ତି, ଶରତ କୁମାର ମହାନ୍ତି, ବସନ୍ତ କୁମାର ମହାନ୍ତି, ରମେଶ କୁମାର ମହାନ୍ତି, କନ୍ୟା ଅନୁପମା ଦାସ ଓ ଅନ୍ୟ ପରିବାର ସଦସ୍ୟମାନେ ରାଧାମଣିଙ୍କ ମରଶରୀରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଆନାଟୋମି ବିଭାଗ ମୁଖ୍ୟ ତଥା ଉପାଧ୍ୟକ୍ଷ ପ୍ରଫେସର ଡା. ଲଲାଟେନ୍ଦୁ ସାଇଁଙ୍କୁ ହସ୍ତାନ୍ତର କରିଥିଲେ । ଏହି ସମୟର କଲେଜର ନୀତିତାତ୍ୱିକ ଭେଷଜ ଓ ବିଷବିଜ୍ଞାନ (ଏଫ୍‌ଏମ୍ ଟି) ବିଭାଗ ମୁଖ୍ୟପ୍ରଫେସର ଡା. ଅମରେନ୍ଦ୍ର ନାୟକ, ବରିଷ୍ଠ ଡାକ୍ତର ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ପରେ ଏହି ମରଶରୀରକୁ ବିଭିନ୍ନ ରସାୟନ ପ୍ରୟୋଗ କରି ସଂରକ୍ଷିତ କରାଯାଇଥିବା ବେଳେ ଆଗାମୀ ଦିନରେ ଏହା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟବହୃତ ହେବ । ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପାଇଁ ଏହା ପ୍ରଥମ ମୃତ ଶରୀରଦାନ ଘଟଣା ବୋଲି ଡିନ୍ ପ୍ରଫେସର୍ ଡା. ସବିତା ମହାପାତ୍ର ଓ ଆନାଟୋମି ବିଭାଗ ମୁଖ୍ୟ ପ୍ରଫେସର ଡା. ଲଲାଟେନ୍ଦୁ ସାଇଁ କହିଛନ୍ତି । ସାମାଜିକ ସଂସ୍କାର ଓ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଶିକ୍ଷାର ବିକାଶ କଳ୍ପ ନିଜ ମା' ଙ୍କ ମରଶରୀର ଦାନ କରିଥିବା ପରିବାର ସଦସ୍ୟମାନେ ପ୍ରକାଶ କରିଥିବା ବେଳେ ଏଭଳି ସାଧୁ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ପ୍ରସ୍ତାବିତ ଆସ୍ ପଣ୍ଡ୍‌କୁ ଅଂଚଳବାସୀଙ୍କ ତୀବ୍ର ବିରୋଧ

ଝାରସୁଗୁଡ଼ା, ୧୦/୦୪ (ନି.ପ୍ର): ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲୋଇସିଂହ ପଂଚାୟତର ତିଲେଇମାଲ ଗ୍ରାମ ପାର୍ଶ୍ୱରେ ଏନଟିପିସି ଦ୍ୱାରା ପ୍ରସ୍ତାବିତ ଆସ୍ ପଣ୍ଡ୍‌କୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଲୋଇସିଂହ ପଂଚାୟତ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରପଂଚ ସନାତନ ରୋହିଦାସ ଏହି ସୂଚନା ଦେଇ କହିଛନ୍ତି ଯେ, ଏହି ପ୍ରକଳ୍ପ ମାଧ୍ୟମରେ ନିରୀହ ଆଦିବାସୀମାନଙ୍କୁ ଶୋଷଣ କରାଯାଉଛି। ସମ୍ମିଳନୀରେ ରାଜପୁର ସରପଂଚ ସରସ୍ୱତୀ ନାୟକ, ସମିତି ସଭ୍ୟା ସସ୍ମିତା ତନ୍ତୀ, ଚାନ୍ଦିନୀମାଲ ସରପଂଚ ଲକ୍ଷ୍ମୀଧର ମିଶ୍ର ଓ ଗୌଡ଼ମାଲ ସରପଂଚ ରାଜ କୁମାର ସାଏ ଉପସ୍ଥିତ ଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ବୁଧବାର ତିଲେଇମାଲ ଗ୍ରାମରେ ଆୟୋଜିତ ଜନଶୁଣାଣି ସମ୍ପୂର୍ଣ୍ଣ ଭାବେ ବେଆଇନ ଭାବେ କରାଯାଇଛି। ସରପଂଚମାନଙ୍କ କହିବା ଅନୁଯାୟୀ, ଜନଶୁଣାଣି ପୂର୍ବରୁ ପଂଚାୟତବାସୀଙ୍କୁ ଚିଠି ମାଧ୍ୟମରେ ସୂଚିତ କରିବା ସହ ବିସ୍ଥାପିତ ହେବାକୁ ଥିବା ଲୋକମାନଙ୍କୁ ୧୫ ଦିନ ପୂର୍ବରୁ ଗ୍ରାମସଭା ମାଧ୍ୟମରେ ଅବଗତ କରାଯିବା ନିୟମ ରହିଛି। କିନ୍ତୁ, ଏହି ସବୁ ପ୍ରକ୍ରିୟାକୁ ଅବହେଳା କରାଯାଇଛି। ତିଲେଇମାଲ ଗ୍ରାମର ପ୍ରାୟ ୮୭ ପ୍ରତିଶତ ଲୋକ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ହୋଇଥିବା ବେଳେ ସେମାନେ ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ଚଳାଉଛନ୍ତି। ନୂତନ ଆସ୍ ପଣ୍ଡ୍ ନିର୍ମାଣ ହେଲେ ସେମାନଙ୍କ ଜୀବନଯାପନ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ ଆଶଙ୍କା କରିଛନ୍ତି। ଏହାସହ, ପୂର୍ବରୁ ଥିବା ଆସ୍ ପଣ୍ଡ୍ ପ୍ରଭାବରେ ବସୁନ୍ଧରା ଓ ବାଘେଇନାଳ ନଦୀର ପାଣି ପ୍ରଦୂଷିତ ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ଏହାର ପରିଣାମରେ ଚାଷବାସ ନଷ୍ଟ ହେଉଥିବା ସହ ଲୋକମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଏପରି ପରିସ୍ଥିତିରେ ଆଉ ଗୋଟିଏ ଆସ୍ ପଣ୍ଡ୍ ନିର୍ମାଣ ହେଲେ ସମସ୍ୟା ଅଧିକ ଭୟାବହ ହେବ ବୋଲି ସେମାନେ କହିଛନ୍ତି। ଅଭିଯୋଗ ଅନୁସାରେ, କମ୍ପାନୀ ପକ୍ଷରୁ ୫ ତାରିଖରେ ନୋଟିସ୍ ଜାରି କରି ୮ ତାରିଖରେ ଜନଶୁଣାଣି କରାଯାଇଥିବା ବେଳେ ଅଭିଯୋଗ ଜଣାଇବାକୁ ଯାଇଥିବା ଲୋକମାନଙ୍କୁ ପୋଲିସ ଭିତରକୁ ପ୍ରବେଶ କରିବାକୁ ଦେଇନଥିଲା। ଯଦି ଅଂଚଳବାସୀଙ୍କ ମତାମତକୁ ଅବହେଳା କରି ପ୍ରକଳ୍ପ କାମ ଆରମ୍ଭ କରାଯାଏ, ତେବେ ଚାରି ପଂଚାୟତର ଲୋକମାନେ ଆନ୍ଦୋଳନରେ ବସିବେ ବୋଲି ସତର୍କ କରାଯାଇଛି। ସରପଞ୍ଚମାନେ ଏହି ଜନଶୁଣାଣିକୁ ବାତିଲ କରି ପୁନର୍ବାର ପଂଚାୟତବାସୀଙ୍କ ସହ ଆଲୋଚନା କରି ନୂତନ ତାରିଖରେ ଜନଶୁଣାଣି କରିବାକୁ ପ୍ରଶାସନକୁ ଦାବି କରିଛନ୍ତି। ସମସ୍ୟା ସମ୍ପର୍କରେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ ବୋଲି ମଧ୍ୟ ସୂଚନା ମିଳିଛି। ଏନେଇ ଏନଟିପିସି ପକ୍ଷରୁ ସିଏସଆର ବିଭାଗର ଏଚ୍.ଆର.ସମୀର ଭଞ୍ଜ କହିଛନ୍ତି ଯେ, ତିଲେଇମାଲ ଗ୍ରାମର ଉନ୍ନତି ଓ ଗ୍ରାମବାସୀଙ୍କ ସମସ୍ୟାର ସମାଧାନକୁ ଧ୍ୟାନରେ ରଖି ଆସ୍ ପଣ୍ଡ୍ ନିର୍ମାଣ କରାଯିବ।

# ବ୍ରଜରାଜନଗରରେ ପୌର ପ୍ରଶାସନର କଡ଼ା କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଂଟରେ ଚଢ଼ଉ

ଝାରସୁଗୁଡ଼ା, ୧୦/୦୪ (ନି.ପ୍ର): ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ଆଜି ବ୍ରଜରାଜନଗର ସହରର ବିଭିନ୍ନ ସ୍ଥାନରେ ଏନଫୋର୍ସମେଂଟ ଚଢ଼ଉ କରାଯାଇଛି। ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗାନ୍ଧୀ ଛକ ନିକଟସ୍ଥ ବିଭିନ୍ନ ରେଷ୍ଟୁରାଂଟ, କାଫେ ଏବଂ ମାଂସ ଦୋକାନଗୁଡ଼ିକରେ ଅତର୍କିତ ଯାଂଚ୍ କରିଛନ୍ତି। ଏହି ଚଢ଼ଉ ସମୟରେ ବିଶେଷ କରି ଖାଦ୍ୟର ଗୁଣବତା ଏବଂ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯାଂଚ୍ ବେଳେ ଅନେକ ସ୍ଥାନରେ ବାସି ତଥା ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରୟ ହେଉଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ସେହି ସମସ୍ତ ଅପରିଷ୍କାର ଖାଦ୍ୟକୁ ତୁରନ୍ତ ନଷ୍ଟ କରାଯିବା ସହ ବ୍ୟବସାୟୀମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି । ନିୟମ ଉଲ୍ଲଂଘନ ଅଭିଯୋଗରେ ବିଭିନ୍ନ ଦୋକାନୀଙ୍କ ଠାରୁ ସର୍ବମୋଟ ୨୭,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ଦ୍ୱାରା ନିଷିଦ୍ଧ କରାଯାଇଥିବା ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବା ପଲିଥିନ ବ୍ୟବହାର ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟିମ୍ ପକ୍ଷରୁ ବିଭିନ୍ନ ଦୋକାନରୁ ପ୍ରାୟ ୨୮ କେଜି ନିଷିଦ୍ଧ ପଲିଥିନ ଜବତ କରାଯାଇଛି। ଏହା ସହିତ ରାସ୍ତା କଡ଼ରେ ବେଆଇନ ଭାବେ ଗଢ଼ି ଉଠିଥିବା ଅସ୍ଥାୟୀ ମାଂସ ଦୋକାନଗୁଡ଼ିକୁ ପୌରପାଳିକା ଟିମ୍ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଜନସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଏହିଭଳି ଯାଂଚ୍ ପ୍ରକ୍ରିୟା ଜାରି ରହିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୧୬ ଗ୍ୟାସ୍ ସିଲିଣ୍ଡର ଜବତ

ଝାରସୁଗୁଡ଼ା, ୧୦/୦୪ (ନି.ପ୍ର): ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ବୃନ୍ଦାମାଲ ଗ୍ରାମପଂଚାୟତ ଅଧୀନ ସୁନାରୀମୁଣ୍ଡା ପଣ୍ଡା ଟିକେନ ସପ୍‌ରୁ ୬ଟି ଏବଂ ଝାରସୁଗୁଡ଼ା ବେହେରାମାଲ ସ୍ଥିତ ପାତ୍ର ଗ୍ୟାସ୍ ଏଜେନ୍ସିରୁ ୧୦ଟି ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏନେଇ ଝାରସୁଗୁଡ଼ା ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରା କହିଛନ୍ତି ଯେ, ବେଆଇନ ଗ୍ୟାସ୍ ସିଲିଣ୍ଡର ବିକ୍ରି ଏବଂ ଷ୍ଟକ୍ ରଖୁଥିବା ଦୋକାନ ଉପରେ ଯୋଗାଣ ବିଭାଗର କଡ଼ା ନଜର ରହିଛି। ଏହି ବେଆଇନ କାର୍ଯ୍ୟରେ ଯେଉଁମାନେ ଲିପ୍ତ ଅଛନ୍ତି, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସିଜିମାଳି ଅଂଚଳରେ ଆଦିବାସୀମାନଙ୍କ ଉପରେ ଦମନ ବିରୁଦ୍ଧରେ ସିପିଆଇର ବିକ୍ଷୋଭ

ଜୟପୁର, ୧୦/୦୪ (ନି.ପ୍ର): ଗତ ସାତ ତାରିଖ ରାତି ଦୁଇଟାରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ର ସିଜିମାଳି ଖଣି ଅଂଚଳର ସୁଙ୍ଗେର ଗ୍ରାମ ପଂଚାୟତର କଂଟାମାଳ ଗ୍ରାମକୁ ପୋଲିସ ଘେରାଉ କରି ଲୁହବୁହା ଗ୍ୟାସ ପ୍ରୟୋଗ କରି, ଲାଠିମାଡ କରି ଗ୍ରାମବାସୀଙ୍କୁ ଉକ୍ତ ଅଂଚଳ ଛାଡିଯିବା ପାଇଁ ଏକ ଘୃଣ୍ୟ ଷଡ଼ଯନ୍ତ୍ର କରିଥିଲା ପ୍ରଶାସନ ଓ ପୋଲିସ । ଉକ୍ତ ଅଂଚଳରେ ବେଦାନ୍ତ ଆଲୁମିନା କମ୍ପାନୀ ପାଇଁ ରାସ୍ତା ତିଆରି କରିବା ପାଇଁ ସରକାରୀ କଳ ଅତ୍ୟନ୍ତ ବ୍ୟସ୍ତ, ଅଥଚ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇନାହିଁ । ଅନୁସୂଚିତ ଅଂଚଳ ହୋଇଥିବାରୁ ଏବଂ ପଂଚମ ସେଡ୍ୟୁଲ୍ ରେ ଆସୁଥିବାରୁ ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପ କରି ପୋଲିସ ଛାଉଣୀ ହଟେଇବା ଏବଂ କାହାକୁ ଅଂଚଳରେ ଏକାଠି ହେବା ପାଇଁ ନଦେବା ପେସା ଓ ଜଙ୍ଗଲ ଅଧିକାର ଆଇନର ସ୍ପଷ୍ଟ ଉଲ୍ଲଂଘନ। କୋରାପୁଟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଦିବାସୀଙ୍କ ଜମି ଅଧିଗ୍ରହଣ ବିନା ପଲ୍ଲୀସଭାରେ ହେଉଛି । ରାଜ୍ୟ ଏବଂ କେନ୍ଦ୍ରରେ ଡବଲ୍ ଇଞ୍ଜିନ୍ ସରକାର କର୍ପୋରେଟ ହାଉସ୍ ଓ ବଡ଼ ବଡ଼ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆଦିବାସୀଙ୍କ ଜୀବନ ଜୀବିକାକୁ ପଦଦଳିତ କରୁଛନ୍ତି । ଦେଶର ରାଷ୍ଟ୍ରପତି ଆଦିବାସୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଆଦିବାସୀ ହେଲେ କାହିଁକି ଆଦିବାସୀ ମାନଙ୍କୁ ହଜାର ହଜାର ବର୍ଷ ଧରି ରହି ଆସୁଥିବା ଅଂଚଳରୁ ଉତଖାତ କରାଯାଉଛି ବୋଲି ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଆଦିବାସୀ ମାନଙ୍କ ଜମି ଜଳ ଜଙ୍ଗଲର ଅଧିକାରକୁ ପଦଦଳିତ କରିବା ବନ୍ଦ ହେଉ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କୋରାପୁଟ ଜିଲ୍ଲା ପରିଷଦ ଦାବୀ କରିଛି । ଆଜି ସିଜିମାଳି ଅଂଚଳର ଆଦିବାସୀ ମାନଙ୍କ ପ୍ରତି ସଂହତି ଜଣାଇ ମଧ୍ୟାହ୍ନ ୧୨ଟା ସମୟରେ ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ନେତା ଓ କର୍ମୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ସର୍ବଶ୍ରୀ ଯୁଧିଷ୍ଠିର ରାଉଳ, ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ, ଜିଲ୍ଲା ସହସମ୍ପାଦକ ବୁଦ୍ରା ବଡନାୟକ, ଯୁବ ନେତା ନନ୍ଦ ହରିଜନ, ଛାତ୍ର କୃଷ୍ଣ ଖରା ପ୍ରମୁଖ ଯୋଗ ଦେଇଥିଲେ ।

# ବର୍ଦ୍ଧିତ ବେଂଚମାର୍କ ଭାଲୁଏସନ୍ ନେଇ ବଲାଙ୍ଗୀର ବିଧାୟକଙ୍କ ଉଦ୍‌ବେଗ

## ନୀତି ଓ ବାସ୍ତବତାରେ ଭିନ୍ନତା ରହିଛି, ରାଜସ୍ୱ ମନ୍ତ୍ରୀ ଓ ଅଧିକାରୀଙ୍କୁ ପତ୍ର ଲେଖିଲେ

ବଲାଙ୍ଗୀର, ୧୦/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ଜମିର ବେଂଚମାର୍କ ଭାଲୁଏସନ୍(ବିଏମ୍‌ଭି)ରେ ସମ୍ପ୍ରତି ହୋଇଥିବା ହଠାତ୍ ବୃଦ୍ଧି ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକାଶ ପାଇଛି। ସ୍ଥାନୀୟ ବିଧାୟକ ଶ୍ରୀ କାଳିକେଶ ନାରାୟଣ ସିଂହଦେଓ ଏହି ପ୍ରସଙ୍ଗରେ ମୂଳ ନୀତିକୁ ପୁନଃପରୀକ୍ଷା କରିବାକୁ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ସହ ହୋଇଥିବା ବିସ୍ତୃତ ସମୀକ୍ଷା ପରେ ଜଣାପଡ଼ିଛି ଯେ, ରାଜ୍ୟ ସରକାରଙ୍କ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର ଅନୁଯାୟୀ ପ୍ରକ୍ରିୟା ପାଳନ କରାଯାଇଛି। କିନ୍ତୁ ଫଳାଫଳ ଦେଖାଉଛି ଯେ ବର୍ତ୍ତମାନ ନୀତି ଭୂମିସ୍ତରର ବାସ୍ତବ ପରିସ୍ଥିତିକୁ ଠିକ୍ ଭାବରେ ପ୍ରତିଫଳିତ କରୁନାହିଁ। କିଛି ଅଂଚଳରେ ଜମିର ମୂଲ୍ୟ ପ୍ରାୟ ୧.୩୮କୋଟି ପ୍ରତି ଏକରରୁ ୨.୩୪ କୋଟି ଓ ବର୍ତ୍ତମାନ ପ୍ରାୟ ୫.୩୧ କୋଟି ପର୍ଯ୍ୟନ୍ତ ବଢ଼ିଛି, ଯାହା ପଛରେ ବଜାରରେ ସେହି ପରି ବୃଦ୍ଧି କିମ୍ବା କ୍ରୟ କ୍ଷମତାର ବୃଦ୍ଧି ଦେଖାଯାଇ ନାହିଁ। ଏହି ପ୍ରସଙ୍ଗରେ ଏକ ମୁଖ୍ୟ ଚିନ୍ତାର କାରଣ ହେଉଛି ସହର ଅଂଚଳର ଜମିର ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀ। ବର୍ତ୍ତମାନ ଅଧିକାଂଶ ସହର ଜମିକୁ ତାହାର ପ୍ରକୃତ କିସମ, ଆକାର କିମ୍ବା ଅବସ୍ଥାନକୁ ଅବହେଳା କରି ହୋମଷ୍ଟେଡ୍ ଭଳି ମୂଲ୍ୟ ଧରାଯାଉଛି। ଶ୍ରୀ ସିଂହଦେଓ କହିଛନ୍ତି "ଏକ ପକ୍ଷରୁ ଜମିକୁ ହୋମଷ୍ଟେଡ୍ ଭାବରେ ଧରି ଉଚ୍ଚ ଷ୍ଟାମ୍ପ ଶୁଳ୍କ ନିଆଯାଉଛି, ଆଉ ଅନ୍ୟ ପକ୍ଷରୁ ସେହି ଜମିକୁ ହୋମଷ୍ଟେଡ୍ କରିବା ପାଇଁ ଆଲଗା ଭାବରେ ରୂପାନ୍ତରଣ ଶୁଳ୍କ ନିଆଯାଉଛି। ଏହାସାଧାରଣ ଲୋକଙ୍କ ପାଇଁ ଦୁଇଥର ଭାର ପଡୁଛି। ସେ କହିଛନ୍ତି ଯେ, ଏହି ବିଷୟରେ ସ୍ପଷ୍ଟ ନୀତି ଆବଶ୍ୟକ। ସମସ୍ତ ସହର ଜମିକୁ ହୋମଷ୍ଟେଡ୍ ଭାବରେ ଘୋଷଣା କରିବା କିମ୍ବା କିସମ ଓ ବ୍ୟବହାର ଅନୁଯାୟୀ ମୂଲ୍ୟ ଭିନ୍ନ କରିବା। ସମୀକ୍ଷାରେ ଆଉ କିଛି ପ୍ରଣାଳୀଗତ ସମସ୍ୟା ମଧ୍ୟ ଚିହ୍ନଟ ହୋଇଛି। ଉଚ୍ଚ ମୂଲ୍ୟର କିଛି ବିକ୍ରୟ ଉପରେ ଅଧିକ ନିର୍ଭରତା, ବଡ଼ ଜମି ଖଣ୍ଡ ପାଇଁ ଯଥୋଚିତ ସମନ୍ୱୟର ଅଭାବ, ଅବସ୍ଥାନ, ରାସ୍ତା ସଂଯୋଗ ଓ ପ୍ରାଣାଳୀଗତ ସୁବିଧା ଅନୁଯାୟୀ ମୂଲ୍ୟର ପ୍ରଭାବ କମ୍ ରହିବା। ଏହାଫଳରେ ବେଂଚମାର୍କ ଭାଲୁଏସନ୍ ବଜାର ମୂଲ୍ୟ ଠାରୁ ଅଧିକ ହୋଇପାରୁଛି, ଯାହା ଖରିଦାର ଓ ବିକ୍ରେତା ଉଭୟଙ୍କୁ ପ୍ରଭାବିତ କରୁଛି। ବ୍ୟବହାରିକ ଦୃଷ୍ଟିରୁ ଖରିଦାରଙ୍କୁ ଅଧିକ ଷ୍ଟାମ୍ପ ଶୁଳ୍କ ଦେବାକୁ ପଡୁଛି, ବିକ୍ରେତା ଓ ଖରିଦାର ଉଭୟଙ୍କୁ ଆୟକର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି, ବଜାର ମୂଲ୍ୟରେ ସଠିକ୍ ଭାବରେ ବ୍ୟବହାର କରିବା କଷ୍ଟକର ହେଉଛି। ଯେତେବେଳେ ବେଂଚମାର୍କ ମୂଲ୍ୟ ବଜାର ସତ୍ୟତା ଠାରୁ ଅଧିକ ହୋଇଯାଏ, ସମ୍ପୂର୍ଣ୍ଣ ପ୍ରଣାଳୀରେ ଅସୁବିଧା ସୃଷ୍ଟି ହୁଏ ବୋଲି ସେ କହିଛନ୍ତି। ସେ ଏହାକୁ ପ୍ରୟୋଗର ସମସ୍ୟା ନୁହେଁ, ବରଂ ନୀତିର ସମନ୍ୱୟର ସମସ୍ୟା ବୋଲି ଉଲ୍ଲେଖ କରିଛନ୍ତି। ସେ ପ୍ରସ୍ତାବ ରଖିଛନ୍ତି- ସମସ୍ତ ସହର ଜମିକୁ ହୋମଷ୍ଟେଡ୍ ଭାବରେ ଘୋଷଣା କରିବା କିମ୍ବା କିସମ ଅନୁଯାୟୀ ଭିନ୍ନତା କରିବା, ଅବସ୍ଥାନ, ରାସ୍ତା ସଂଯୋଗ ଓ ପ୍ରାଣାଳୀ ଅନୁଯାୟୀ ମୂଲ୍ୟ ଧରିବା, ବିଭିନ୍ନ ବ୍ୟବହାର ତଥ୍ୟ ଆଧାରିତ ମଧ୍ୟମ ମୂଲ୍ୟ ନିର୍ଦ୍ଧାରଣ, ବେଂଚମାର୍କ ଭାଲୁଏସନ୍ ଓ ରୂପାନ୍ତରଣ ଶୁଳ୍କ ମଧ୍ୟରେ ସମନ୍ୱୟ ଆଣିବା। ବଲାଙ୍ଗୀର ଯେହେତୁ କେବିକେ ଅଂଚଳର ଅଂଶ, ଏଠାରେ ଲୋକଙ୍କର କ୍ରୟ କ୍ଷମତା ସୀମିତ ଥିବାରୁ ଏପରି ନୀତି ଭୂମିସ୍ତରର ଅର୍ଥନୀତିକ କାର୍ଯ୍ୟକଳାପକୁ ବାଧା ଦେଇପାରେ ବୋଲି ବିଧାୟକ ଉଲ୍ଲେଖ କରିଛନ୍ତି। ତେବେ ଏହାର ପୁନଃ ମୂଲ୍ୟାୟନ କରିବାକୁ ରାଜସ୍ୱମନ୍ତ୍ରୀଙ୍କୁ ବିଧାୟକ ଚିଠି କରିଛନ୍ତି। ମନ୍ତ୍ରୀ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେ ଦାବି ଜଣାଇଛନ୍ତି।

# ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ- ୨୦୨୫-୨୬ରେ ୮୯.୫ ପ୍ରତିଶତ ଅର୍ଥ ଖର୍ଚ୍ଚ

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ୨୦୨୫-୨୬ ବର୍ଷର କାର୍ଯ୍ୟର ସଫଳତା ଏବଂ ୨୦୨୬-୨୭ ବର୍ଷ ପାଇଁ ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ବୈଠକ ଆରମ୍ଭରେ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀ ବିଭାଗୀୟ ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୮୯.୪୫ ପ୍ରତିଶତ ଅର୍ଥ ବିନିଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ୮ମ ସ୍ଥାନରେ ଥିବା ବେଳେ, ନୂତନ ଜ୍ଞାନକୌଶଳ ଓ ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ମାନ୍ୟବର ମନ୍ତ୍ରୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ପୂର୍ବବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚ ଲକ୍ଷ୍ୟ ରଖିବା ସହିତ ଚଳିତ ବର୍ଷରେ ନିଜ ପ୍ରଦର୍ଶନକୁ ନିଜେ ଅତିକ୍ରମ କରିବା ପାଇଁ ଅଧିକ ସଂକଳ୍ପ ଓ ପ୍ରୟାସ ସହ କାମ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତ ପ୍ରକାଶ କରିଥିଲେ। ସମୟର ଉପଯୁକ୍ତ ବ୍ୟବହାର ଏବଂ ବିଭାଗୀୟ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ଷା ଦିନ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଉ , ଯେପରି ବର୍ଷା ଛାଡ଼ିବା ମାତ୍ରେ କାମ ଦ୍ରୁତ ଗତିରେ ଆରମ୍ଭ ହୋଇପାରିବ। ଏହି ବୈଠକରେ 'ମିଶନ ପାୱାର' ମାଧ୍ୟମରେ ଅପହଞ୍ଚ ଗାଁଗୁଡିକୁ ପକ୍କା ରାସ୍ତାରେ ଯୋଡ଼ିବା ପାଇଁ ଆଲୋଚନା ମଧ୍ୟ କରାଯାଇଛି। କେଉଁ ଜିଲ୍ଲାରେ କେତେ 'ଅନକନେକ୍ଟେଡ୍ ହାବିଟେସନ୍ସ' ରହିଛି ତାହାର ସବିସ୍ତୃତ ସମୀକ୍ଷା କରାଯାଇଛି ଏବଂ ଲକ୍ଷ୍ୟ ହାସଲ ପାଇଁ ସମୟସୀମା ମଧ୍ୟ ନିର୍ଦ୍ଧାରିତ କରାଯାଇଛି। ଆଗାମୀ ମାସଗୁଡ଼ିକରେ ସଂଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଛି। ଆବଶ୍ୟକତାମୂଳକ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ସହ ଉନ୍ନୟନର ଲାଭ ସମସ୍ତ ଅଞ୍ଚଳରେ ସମାନ ଭାବରେ ପହଞ୍ଚିବା ସୁନିଶ୍ଚିତ କରିବାକୁ ମାନ୍ୟବର ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟର ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା।

## ସାମ୍ବାଦିକଙ୍କ ଅକାଳ ବିୟୋଗ



ଖୋରଧା , ୧୦/୪ (ନି.ପ୍ର): ଖୋରଧାର ଜଣେ କାର୍ଯ୍ୟରତ ସାମ୍ବାଦିକ ଅୟେସ କାନ୍ତ ମହାନ୍ତି, ଭୁବନେଶ୍ୱରର ସମ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ ଆଜି ଦିନ ୧୦ ଟାରେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ଆମକୁ ଛାଡି ଅଫେରା ରାଇଜକୁ ଚାଲିଗଲେ, ସେ ଜଣେ ଧର୍ମପରାୟଣ, ସମାଜସେବୀ ଏବଂ ପର ଉପକାରୀ ବ୍ୟକ୍ତି ଥିଲେ। ଜଣେ ସିନେମା ଡାଇରେକ୍ଟର ସହ ଉତ୍ତମ ଫୋଟ ଗ୍ରାଫର୍ ଥିଲେ, ଖୋରଧା ସତ୍ୟ ସାଇଙ୍କ ଭକ୍ତ ଥିଲେ ତାଙ୍କର ଏକ ସାନଭାଇ ୪ ବର୍ଷ ପୂର୍ବେ ଦେହାନ୍ତ ହୋଇଯାଇଛି। ଏବଂ ବାପାଙ୍କର ମଧ ବହୁ ଆଗରୁ ଦେହାନ୍ତ ହୋଇଯାଇଛି। ଏବେ ଦୁଇ ଭାଉଣି ଏବଂ ମାଆ ଅଛନ୍ତି ଗୋଟିଏ ଭଉଣି ବିବାହିତ ଏବଂ ସାନ ଭଉଣୀ ଅବିବାହିତ ଅଛନ୍ତି। ଭଗବାନ ତାଙ୍କୁ ଧର୍ଯ୍ୟ ଦିଅନ୍ତୁ। ଅୟେସ ସମସ୍ତଙ୍କ ଠାରୁ ବଡ଼ ଥିଲେ। ତାଙ୍କର ଭଉଣୀ ଭିଣୋଇ ତାଙ୍କର ସମସ୍ତ ଦାୟିତ୍ୱ ତୁଲାଇ ଥିଲେ। ଜୁଆଇଁ ସବୁ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଅୟେସ ଦୈନିକ ଖବର କାଗଜରେ ସାମ୍ବାଦିକ କରୁଥିଲେ। ସେ ଖୋର୍ଦ୍ଧା ଜିଲ୍ଲା ଓୟୁଜେର ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଖୋର୍ଦ୍ଧାରେ ସୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଖୋର୍ଦ୍ଧାର ସମସ୍ତ ସାମ୍ବାଦିକ ଓ ସାମ୍ବାଦିକା, ଏବଂ ନେତାଙ୍କ ଠାରୁ ନେଇ ବନ୍ଧୁବାନ୍ଧବ, ପରିବାରବର୍ଗ, ସାଙ୍ଗ ସାଥି ଓ ବୁଦ୍ଧିଜୀବୀ ତାଙ୍କ ବାସଭବନ ଠାରେ ଉପସ୍ଥିତ ରହି ଶେଷ।ଦର୍ଶନ କରିଥିଲେ। ଏବଂ ତାଙ୍କ ମୃତ୍ୟୁ ଶରୀରକୁ ପୁରୀରେ ଶେଷକୃତ୍ୟ କରାଯାଇଥିଲା।

## ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ନାନିକା'

ଉଦଳା, ୧୦/୪ (ନି.ପ୍ର): କପ୍ତିପଦା ବ୍ଲକର ଶାଳଚୁଆ ପଂଚାୟତ ଅନ୍ତର୍ଗତ ଢ଼ୋଲଗଣ୍ଡି ଗ୍ରାମରେ ବସବାସ କରୁଥିବା ବିଧବା ମା' ନାନିକା ସିଂ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ଏ ପର୍ଯ୍ୟନ୍ତ ପାଇପାରିନଥିବାର ଜଣାଇଛନ୍ତି। ଆଜକୁ ଗୋଟିଏବର୍ଷ ପୁର୍ବେ ତାଙ୍କର ସ୍ୱାମୀ ମାଣିକ ସିଂଙ୍କର ଦେହାନ୍ତ ହୋଇଯାଇଥିବାର କଥା ପରିବାରର ଲୋକେ କହିଛନ୍ତି। ଦିନମଜୁରିଆ ଭାବରେ କାମ କରି ବର୍ତମାନ 'ନାନିକା' ତାଙ୍କର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର ଜଣାଯାଇଛି। ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ତାଙ୍କର କଥା କର୍ଣ୍ଣପାତ କରିନଥିବାର ସେ ଅଭିଯୋଗ କରିଛନ୍ତି। ସେହିପରି ଆବାସ ଯୋଜନାରେ ଘରଟିଏ ଯୋଗାଇଦେବାକୁ 'ନାନିକା' ଅନୁରୋଧ ଜଣାଇଛନ୍ତି। ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର କର୍ମିମାନେ ଦାବି ଜଣାଇଛନ୍ତି।

# ବଲାଙ୍ଗୀ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ

## ବଲାଙ୍ଗୀ ମହୋତ୍ସବ ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିଛି



ବାରିପଦା, ୧୦/୪ (ନି.ପ୍ର): ଆସନ୍ତା ଏପ୍ରିଲ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ୨୪ତମ ରାଜ୍ୟ ସ୍ତରୀୟ ବଲାଙ୍ଗୀ ମହୋତ୍ସବ-୨୦୨୬ ପାଳିତ ହେବାକୁ ଯାଉଥିବା ବେଳେ, ବାରିପଦା ରାଜବାଟି ନିକଟ ମୁନିସିପାଲଟି ମାର୍କେଟ କମ୍ପ୍ଲେକ୍ସରେ ମହୋତ୍ସବ କାର୍ଯ୍ୟ ପରିଚାଳନା ପାଇଁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟାଳୟ ଉଦଘାଟନ କରି ବଲାଙ୍ଗୀ ମହୋତ୍ସବ ଦୀର୍ଘ ୨୪ ବର୍ଷ ଧରି ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିଛି ବୋଲି କହି ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ବିଶ୍ୱଜିତ ନାୟକ, ଅମର ସେଠୀ, ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀ, ପ୍ରାଧ୍ୟାପକ ସୁନୀଲ କୁମାର ଜେନା, କିନ୍ନର ମହାସଙ୍ଘର ସଭାପତି ମନୀଷା ସାହୁ, ପ୍ରମୁଖ ଯୋଗଦେଇ ମୟୁରଭଞ୍ଜ ବାଲିମେଳା ବଲାଙ୍ଗୀ ଏକ ନିଆରା ମହୋତ୍ସବ ବୋଲି କହିଥିଲେ। ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବରିଷ୍ଠ ସଦସ୍ୟ ଗୋଲୋକ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଇନ୍ଦୁମତି ମହାନ୍ତି, ଅଶୋକ କୁମାର ପଲେଇ, ଦୋଳ ଗୋବିନ୍ଦ ମହାନ୍ତ, ସଂଯୁକ୍ତା ଭୁଜବଳ, ରାଜଲକ୍ଷ୍ମୀ ଦାସ, ଗିଗମା ଦାସ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିବା ବେଳେ, ବଲାଙ୍ଗୀ ସେନାର କୁମାରେଶ ନାୟକ, ସନତ ବାରିକ, ମିଥୁନ ବାରିକ, ଶିଶିର ଭୁଜବଳ, ଦିଲ୍ଲୀପ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଖୋଲା ରହିବ ବୋଲି ଜଣାଯାଇଛି।

# ସି.ଏମ୍. ଟ୍ରଫି କ୍ରୀଡ଼ା ମହୋତ୍ସବ ଉଦ୍ଘାଟିତ



ଭଦ୍ରକ, ୧୦/୪ (ନି.ପ୍ର): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୁଲ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଆଜି ଭଦ୍ରକ କଲେଜ ପଡ଼ିଆରେ ସି.ଏମ୍. ଟ୍ରଫି କ୍ରୀଡ଼ା ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋଡ଼ର୍ ଅଧକ୍ଷ ସୀତାଂଶୁ ଶେଖର ମହାପାତ୍ର ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ୍ ସଭାପତି ଦିଲିପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସି.ଡି.ଓ କମ୍ ଇ.ଓ, ଜିଲ୍ଲାପରିଷଦ ଶୁଭେନ୍ଦ୍ର ସାମଲ, ଜିଲ୍ଲା କ୍ରାଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ୍ ସମ୍ପାଦକ ଧିରେନ ପଲେଇ ପ୍ରମୁଖ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ଆସୋସିଏସନ୍ର ଯୁଗ୍ମ ସମ୍ପାଦକ ଆଇନଜୀବୀ ଅତିସ୍ ବେହେରାଙ୍କ ସଂଯୋଜନାରେ ଉଦ୍ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କବାଡ଼ି, ଖୋ-ଖୋ, ଫୁଟବଲ୍, ଭଲିବଲ୍ କ୍ରାଡ଼ା ଆସନ୍ତା କାଲିଠାରୁ ଜିଲ୍ଲାର ବିଭିନ୍ନ ଯାଗାରେ ଖେଳାଯିବ। ଏହି ଖେଳ ନିମନ୍ତେ ଫୁଟବଲ୍ ଚାମ୍ପିୟନ୍ସ ସିପ୍ରେ ମୋଟ ୩୬୦, ଭଲିରେ ୨୦୮, କବାଡ଼ିରେ ୩୪୦, ଖୋ-ଖୋରେ ୨୮୦ ଜଣ ନାମ ପଞ୍ଜିକୃତ କରିଥିଲେ ଧାମନଗର ବ୍ଲକ ଦୋବଲ କାଳି ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବାଳକ ଫୁଟ୍ବଲ ଖେଳ ପାଇଁ ବାଳକ ବିଭାଗରେ ୧୦ଟି ଓ ରାନ୍ଦିଆ ରାମେଶ୍ୱର ସ୍କୁଲ ପଡ଼ିଆରେ ବାଳିକା ବିଭାଗର ଫୁଟ୍ବଲ ଖେଳ ପାଇଁ ବାଳିକା ବିଭାଗର ୪ଟି ଦଳକୁ ମିଶାଇ ମୋଟ ୨୮୦ ଜଣ, ତିହିଡ଼ି କାଳି ପଡ଼ିଆରେ ହେବାକୁ ଥିବା ଭଲିବଲ୍ କ୍ରୀଡ଼ା ପାଇଁ ବାଳକ ବିଭାଗରେ ୮ଟି ଓ ବାଳିକା ବିଭାଗରେ ୬ଟି ଦଳର ପାଇଁ ୧୬୮ ଜଣ, ଭଦ୍ରକ କଲେଜ ପଡ଼ିଆରେ ହେବାକୁ ଥିବା କବାଡ଼ି ପାଇଁ ବାଳକ ବିଭାଗରେ ୧୦ ବାଳିକା ବିଭାଗରେ ୬ଟି ଦଳ ପାଇଁ ୧୯୨ ଜଣ, ଖୋ-ଖୋ ଚାମ୍ପିୟନ୍ସିପ୍ର ବାଳକ ୧୦ ଓ ବାଳିକ ୬ ଟି ବିଭାଗ ପାଇଁ ମୋଟ ୧୯୨ ଜଣ ମନୋନୀତ ହୋଇଥିଲେ। ଉଦ୍ଘାଟନୀ ସମାରୋହକୁ ଆଥ୍ଲେଟିକ୍ ଆସୋସିଏସନ୍ର ଜତିକାନ୍ତ ନାୟକ, ବ୍ୟୋମକେଶ ସେନାପତି, ଭବତୋଷ ଦାସ, ରାଇମୋହନ ମହାପାତ୍ର, ପବନ ଶର୍ମା, ସଞ୍ଜିବ ଦାସ, ରବିନାରାୟଣ ପାଣିଗ୍ରାହୀ, ସୁଶିଲ ପଟ୍ଟନାୟକ, ରବିନାରାୟଣ ଓଝା, ସଞ୍ଜିବ ବେହେରା, ଦେବଦତ୍ତ ନାୟକ, ମନୋଜ ସାହୁ, ନାସିର୍ ଅଲ୍ଲି, ସୌମ୍ୟକାନ୍ତ ଉପାଧ୍ୟାୟ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଉପେନ୍ଦ୍ର ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସନ୍ତା ୧୮ରୁ ୨୦ ଯଶୋବନ୍ତ ବୃଦ୍ଧାଶ୍ରମ ପ୍ରତିଷ୍ଠା

## ସାମ୍ବାଦିକ ସମ୍ମିଳନୀରେ ଘୋଷଣା ହେଲା ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ




ଖଇରା, ୧୦/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଦୁନା ସ୍କୁଲ ନିକଟରେ ଶିକ୍ଷକ ମାୟାଧର ସାହୁ ଓ ତାଙ୍କର ଭାଇମାନେ ପିତାଙ୍କ ସ୍ମୃତିରେ ନିଜ ସଞ୍ଚିତ ଅର୍ଥରୁ ଆରମ୍ଭ କରିଥିବା ଯଶୋବନ୍ତ ବୃଦ୍ଧାଶ୍ରମ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୮,୧୯ ଓ ୨୦ତାରିଖ ୩ଦିନ ଧରି ଏହାର ପ୍ରତିଷ୍ଠାକାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଗୁରୁବାର ଦିନ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପରିଚାଳନା କମିଟିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିବା ଅବସରରେ ଅବହେଳିତଙ୍କୁ ଥଇଥାନ ବା ସେବା ମାବାପାଙ୍କ ପାଇଁ ପ୍ରକୃତ ଅବଦାନ ବୋଲି ପ୍ରକାଶ କରିଥିଲେ। ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ଓ ସମ୍ପାଦକ ମାୟାଧର ସାହୁ ଟ୍ରଷ୍ଟ ଗଠନ କାର୍ଯ୍ୟ, ସେବାଶ୍ରମ ପରିଚାଳନା ପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସହଯୋଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଉପଦେଷ୍ଟା ମୁକ୍ତିକାନ୍ତ ଶତପଥି,ସାଗର ସାହୁ,କୋଷାଧକ୍ଷ ଷଡାନନ ପାଣିଗ୍ରାହୀ,ସଭ୍ୟ ଯୁଧିଷ୍ଠିର ମହାରଣା ପ୍ରମୁଖ ସେବାଶ୍ରମ ସମ୍ପୁର୍ଣ୍ଣ ଭାବେ ଗରୀବ,ନିଷ୍ପେଶିତ ଓ ଅସହାୟ ଙ୍କ ପାଇଁ ସମର୍ପିତ। ସେବାଶ୍ରମରେ ମୋଟ ୩୦ଶଯ୍ୟା ମଧ୍ୟରୁ ୬ଟି କୋଠରି ଜଣିକିଆ ଓ ୨ଟି ଦମ୍ପତ୍ତି ଓ ଗୋଟିଏ କୋଠରୀ ଅସୁସ୍ଥଙ୍କ ପାଇଁ ଉଦ୍ଦିଷ୍ଟ। ତେବେ ପ୍ରତିଷ୍ଠା ପରେ ରହିବାପାଇଁ ଇଛୁକ ତଥା ଆବେଦନ କରିଥିବା ବୁଢ଼ୀବୁଢ଼ା ସମ୍ପର୍କରେ ବିଚାର କରାଯିବ ବୋଲି ବୈଠକ ରେ ସର୍ବ ସମ୍ମତ୍ତି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଧର୍ମପ୍ରାଣ ମହିଳାଙ୍କ ସ୍ମୃତି ସଭା

ଭଣ୍ଡାରିପୋଖରୀ , ୧୦/୪ (ନି.ପ୍ର): ଏହି ବ୍ଲକ ଅନ୍ତର୍ଗତ ପାହିମହୁରାର ଆଦର୍ଶ ଧର୍ମପ୍ରାଣ ମହିଳା ଶକୁନ୍ତଳା ବାରିକଙ୍କର ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ଶିକ୍ଷାବିତ ଗୟାଧର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ସର୍ବ ପ୍ରଥମେ ଦିବଂଗତ ଆତ୍ମାର ସଦ ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରା ଯାଇଥିଲା। ଏଥିରେ ଶିକ୍ଷାବିତ ପ୍ରଫୁଲ୍ଲକୁ ସାହୁ, ଘନଶ୍ୟାମ ସ୍ୱାଇଁ, ସନ୍ତୋଷକୁ ସାହୁ, ସୁରେନ୍ଦ୍ରକୁ ପଣ୍ଡା, ପୁରୁଷୋତ୍ତମ ଧଳ, ସୁବ୍ରତ ଦାସ, ମାନସ ପାତ୍ର, ମାନସ ସାହୁ ଓ ନଗୁଆଁ ସରପଞ୍ଚ କାଞ୍ଚନବାଳା ପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। କରୁଣାକର ବାରିକ କୃତଜ୍ଞତା ଜ୍ଞାପନ କରିଥିଲେ।

# ଓଡ଼ିଆ ପକ୍ଷର ୧୦ମ ଦିନରେ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମର ଶୁଭାରମ୍ଭ



ଭଦ୍ରକ, ୧୦/୪ (ନି.ପ୍ର): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଓଡ଼ିଆ ପକ୍ଷର ୧୦ମ ଦିନରେ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ଯୋଗଦେଇ ଓଡ଼ିଆ ଲୋକ କଳାର ସୁରକ୍ଷା ଓ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ ଅତିଥି ଭାବେ ଶ୍ରୀ ପ୍ରବୋଧ ରଥ, ପୂର୍ବତନ ସଚିବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ଯୋଗଦେଇ ଲୋକ କଳା ଆମ ସଂସ୍କୃତିର ଅମୂଲ୍ୟ ଧରୋହର ବୋଲି କହିଥିଲେ ଏବଂ ଏହାକୁ ଆଗାମୀ ପିଢ଼ୀଙ୍କ ପାଇଁ ସୁରକ୍ଷିତ ରଖିବାରେ ସମସ୍ତଙ୍କ ସହଭାଗୀତା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ଶ୍ରୀଯୁକ୍ତ ଲଲାଟେନ୍ଦୁ ମହାନ୍ତି, ବରିଷ୍ଠ ନାଟ୍ୟକାର, ପ୍ରଫେସର ଅଙ୍କଳବିହାରୀ ନାୟକ, ନାଟ୍ୟ ଗୌରବ ଏବଂ ଅବସରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ, ଉତ୍କଳ ବିଶ୍ୱବିଦ୍ୟାଳୟ, ଶ୍ରୀଯୁକ୍ତ ଡ଼. ରାମଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ ଓ ଶ୍ରୀଯୁକ୍ତ ବାଦଲ ସିକଦାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଏବଂ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରାପ୍ତ, କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକକଳାର ଐତିହ୍ୟ, ମହତ୍ତ୍ୱ ଓ ସଂରକ୍ଷଣ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ...

ଇସଲାମାବାଦ ପୋଲିସ ଏବଂ ଆତଙ୍କବାଦ ବିରୋଧୀ ବିଭାଗ ଏପର୍ଯ୍ୟନ୍ତ ଇସଲାମାବାଦର ୩୨୩ଟି ଘର ତଲାସି କରିଛି ଏବଂ ସନ୍ଦେହରେ ୨୬ ଜଣଙ୍କୁ ଅଟକ ରଖିଛି। ଏହା ବ୍ୟତୀତ, ଗୁରୁବାର ରାତିରୁ ଆଜି ସକାଳ ପର୍ଯ୍ୟନ୍ତ, ଇସଲାମାବାଦ ପୁଲିସ ୯୦୧ ଜଣଙ୍କୁ ପଚରାଉଚରା ସହ ତଲାସି କରିଛି। ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ଏକ ବଡ଼ ରାଜନୈତିକ ହଲଚଲ ଦେଖିବାକୁ ମିଳିଛି। ଇସ୍ରାଏଲର ପ୍ରବଳ ଚାପ ଏବଂ କ୍ରମାଗତ ଆକ୍ରମଣ ପରେ ଲେବାନନ୍ ପ୍ରଧାନମନ୍ତ୍ରୀ ନୱାଫ ସଲାମ ଆସନ୍ତା ରବିବାର ଆମେରିକା ଗସ୍ତ କରିବାକୁ ଯାଉଛନ୍ତି। ଗସ୍ତ ସମୟରେ ଲେବାନନ ପ୍ରଧାନମନ୍ତ୍ରୀ ଆମେରିକା ବୈଦେଶିକ ସଚିବ ରୁବିଓଙ୍କ ସହ ଆଲୋଚନା କରିବେ ଏବଂ ଇସ୍ରାଏଲ ସହ ପ୍ରତ୍ୟକ୍ଷ ଶାନ୍ତି ବାର୍ତ୍ତା ପାଇଁ ପଥ ପରିଷ୍କାର କରିପାରନ୍ତି।

### ପଶ୍ଚିମବଙ୍ଗ ପାଇଁ ...

ଏହି ଇସ୍ତାହାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ପରିକଳ୍ପିତ ବିକଶିତ ଭାରତ ପାଇଁ ରୋଡମ୍ୟାପ୍। ଅନୁପ୍ରବେଶ, ଗୋ ଚାଲାଣ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରାଯିବ ବୋଲି ଶାହ କହିଛନ୍ତି। ଦଳ ଆଗାମୀ ନିର୍ବାଚନରେ ବିଜୟୀ ହେଲେ ସବୁ ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କୁ ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ଘୋଷଣା କରିଛି। ସରକାର କ୍ଷମତାକୁ ଆସିବାର ୪୫ ଦିନ ଭିତରେ ୭ମ ବେତନ କମିସନଙ୍କ ସୁପାରିସ୍ ଲାଗୁ କରାଯିବ ବୋଲି ଶାହ ପ୍ରତିଶ୍ରୁତି ଦେଇଛନ୍ତି। ଆୟୁଷ୍ମାନ ଭାରତ ଲାଗୁ କରାଯିବ ବୋଲି କୁହାଯାଇଛି। ଇସ୍ତାହାରକୁ ବିଶ୍ୱାସର ପ୍ରତିଶ୍ରୁତି ବୋଲି କହି ଶାହ କହିଛନ୍ତି, ବିଜେପି ବଙ୍ଗଳାର ସାଂସ୍କୃତିକ ପରିଚୟକୁ ପୁନର୍ଜୀବିତ କରିବ ଏବଂ ଏପରି ଏକ ରାଜ୍ୟ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ଯେଉଁଠାରେ ଲୋକମାନେ ବିନା ଭୟରେ ଗର୍ବର ସହିତ ସମସ୍ତେ ବଞ୍ଚି ପାରିବେ। ସମସ୍ତ ରାଜନୈତିକ ହିଂସାର ତଦନ୍ତ କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ଆସନ୍ତା ଏପ୍ରିଲ ୨୩ ଓ ଏପ୍ରିଲ ୨୯ ତାରିଖରେ ଭୋଟ ଗ୍ରହଣ କରାଯିବ।

### ଗ୍ୟାସ୍ ପାଇଁ ଡିପୋରେ...

ଛୋଟ ଛୋଟ ଗ୍ୟାସ ଦୋକାନୀ ଚଢ଼ାଉ ଭୟରେ ଆଉ ଦୋକାନ ଖୋଲୁନଥିବାରୁ ଯେଉଁମାନେ ଖୋଲା ବଜାର ଉପରେ ନିର୍ଭର କରୁଥିଲେ ସେମାନେ ଦହଗଞ୍ଜ ହେଉଛନ୍ତି। ବାଲେଶ୍ୱରର ଓ କଟକରୁ ଆସିଥିବା ଚିତ୍ର କିନ୍ତୁ ସମସ୍ତଙ୍କୁ ବ୍ୟଥୀତ କରିଛି । ଗ୍ୟାସ ପାଇଁ ବୁକ୍ କରିବା ପରେ ବି ଆସୁନଥିବାରୁ ଡିପୋରେ ଲାଗିଛି ଲମ୍ବା ଲାଇନ। ପ୍ରବଳ ଗରମ ସତ୍ତ୍ୱେ ବି ସିଲିଣ୍ଡର ଟିଏ ପାଇବା ପାଇଁ ଧାଡ଼ିରେ ଛିଡା ହୋଇଛନ୍ତି। ସବୁଠୁ ବଡ ବିଡମ୍ବନାର ବିଷୟ ହେଉଛି, ଗ୍ୟାସ ଯୋଗାଣ କେମିତି ସୁରୁଖୁରରେ ହେବ ସେଥିପାଇଁ କୌଣସି ପଦକ୍ଷେପ ନେଉନାହିଁ। କେବଳ କିଛି ସ୍ଥାନରେ ଚଢ଼ାଉ କରି କାମ ସାରି ଦେଇଛି ଯୋଗାଣ ବିଭାଗ।

### ମେଟ୍ରୋ ପ୍ରକଳ୍ପ ବାତିଲ...

ପରିସ୍ଥିତି କଣ ହେଇଥାନ୍ତା । ବାଇପାସ ରାସ୍ତାର ମଧ ବ୍ୟବସ୍ଥା ହେଉଛି । ଆଜି ନହେଲେ କାଲି ମେଟ୍ରୋର ଆବଶ୍ୟକତା ଅଛି । ମୁଖ୍ୟମନ୍ତ୍ରୀଙ୍କ ବିଚାରଧୀନ ଅଛି । ମୁଖ୍ୟମନ୍ତ୍ରୀ ମନା କରି ନାହାନ୍ତି । ଅନ୍ତଃ ମନ୍ତ୍ରୀ ସ୍ତରୀୟ କମିଟି ମଧ ଗଠନ ହେଇଛି । ଅନୁଧାନ ହେଉଛି କେଉଁ ଉପାୟରେ ହେବ ବିଚାର କରାଯାଉଛି । ଏବେ ଯାହା ହେବ କେନ୍ଦ୍ର ସରକାରଙ୍କ ସହାୟତାରେ ସହଯୋଗରେ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

# ମୂର୍ଚ୍ଛନା ନୃତ୍ୟ ଏକାଡେମୀର ୮ମ ବାର୍ଷିକୋତ୍ସବ



ବାଲେଶ୍ୱର, ୧୦/୪ (ନି.ପ୍ର): ମୋତିଗଞ୍ଜ, ବାଲେଶ୍ୱରରେ ସ୍ଥାପିତ ମୂର୍ଚ୍ଛନା ନୃତ୍ୟ ଏକାଡେମୀର ଅଷ୍ଟମ ବାର୍ଷିକୋତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟକାର ପ୍ରଦୀପ କୁମାର ମିଶ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ, ମୁଖ୍ୟବକ୍ତା ନିତ୍ୟାନନ୍ଦ ସାହୁ, ଏସୋସିଏଟ ପ୍ରଫେସର, ଆର୍ଟି ବିଭାଗ ଫକୀରମୋହନ ବିଶ୍ୱବିଦ୍ୟାଳୟ, ସମ୍ମାନନୀୟ ଅତିଥବ କବି ହାଡ଼ିବନ୍ଧୁ ସାମଲ ପ୍ରମୁଖ ଯୋଗ ଦେଇ ନୃତ୍ୟ, ସଂଗୀତ ଓ ବାଦ୍ୟ ଶିକ୍ଷାର ସହନୀୟତା ସଂପର୍କରେ ଆଲୋକପାତ କରି ମୂର୍ଚ୍ଛନା ନୃତ୍ୟ ଏକାଡେମୀର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଅନୁଷ୍ଠାନର ଅଧକ୍ଷା ଜୟସ୍ମିତା ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ମିଥୁନ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସଭାଗରେ ଛାତ୍ରଛାତ୍ରୀ ତଥା ନୃତ୍ୟଶିକ୍ଷୀମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଲୋକନାଥ ସାର, ଦୀପୁ ସାର, ଲକ୍ଷ୍ମୀଧର ସାର, ଅରବିନ୍ଦ ମହାପାତ୍ର, ପ୍ରଦୀପ୍ତ ଗିରି ସମେତ ଏକାଡେମୀର ସମସ୍ତ ସଦସ୍ୟ ଓ ସଦସ୍ୟା ପରିଚାଳନା କରିଥିଲେ ।

# ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ



ବାସୁଦେବପୁର, ୧୦/୪ (ନି.ପ୍ର): ବାସୁଦେବପୁର ହର୍ଟିକଲଚର ଅଫିସ୍ ପକ୍ଷରୁ କୃଷି କାର୍ଯ୍ୟାଳୟ ପରିସରରେ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ଯୋଜନା ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏହି କର୍ମଶାଳାରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୂର୍ଯ୍ୟ ପ୍ରକାଶ ମିଶ୍ର, ସହକାରୀ କୃଷି ଅଧିକାରୀ ପ୍ରୀତି ପଲ୍ଲବୀ, ବି ଟି ଏମ୍ ମଦନ କୁମାର ପଣ୍ଡା, ମହୁ ଚାଷ ତାଲିମ୍ ଅଧିକାରୀ ରତିକାନ୍ତ ପାଣିଗ୍ରାହୀ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଚାଷୀ ମାନଙ୍କୁ ବିଭିନ୍ନ ପ୍ରକାରର କୃଷି ସମ୍ପର୍କରେ ଆଲୋଚନା କରିଥିଲେ। ବହୁ ସଂଖ୍ୟାରେ ଚାଷୀ ଭାଇ ଭଉଣୀ ଏହି କର୍ମଶାଳା ରେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ସୂର୍ଯ୍ୟ ପ୍ରକାଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ କିଶୋର ଚନ୍ଦ୍ର କଳସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ମନୋରଞ୍ଜନ ମିଶ୍ର ଓ ସହକର୍ମୀ ସହଯୋଗ କରିଥିଲେ।

# ଜଗବନ୍ଧୁ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୧୦/୪ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତର ମଧୁସୁଦନପୁର ଗ୍ରାମର କାମିନୀ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରିୟ ଆଦର୍ଶ ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ନପୂର୍ଣ୍ଣା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ପୁର୍ବତନ ମନ୍ତ୍ରୀ ତଥା ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମ ଲୋଚନ ପଣ୍ଡା, ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, ଅମୀୟ କୁମାର ମହାଳିକ,ଉର୍ମିଳା କର, କବି ସୁଧାଂଶୁ ଶେଖର ମିଶ୍ର, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରସନ୍ ସମ୍ପାଦକ ଶାନ୍ତନୁ କୁମାର ପଳିତା, ବର ଣ୍ଡୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଚାଲୁଣୀ ଗାଁ ପଞ୍ଚାୟତ ସରପଞ୍ଚ ମମତା ରାଣୀ ଲେଙ୍କା, ବେତଡା ଆଞ୍ଚଳିକ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାସ ରଂଜନ ପାଣିଗ୍ରାହୀ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଜଗବନ୍ଧୁ ସାର୍ ଙ୍କ ଶିକ୍ଷା ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନାଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକ ଦୈତାରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷୟତ୍ରୀ ସସ୍ମିତା ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟତ୍ରୀ ମୀନତି ରାଉତ, ଅନିତା ଶଙ୍ଖୁଆ, ପଦ୍ମାବତୀ ଦାଶ,ପ୍ରଫୁଲ୍ଲ କୁମାର ପାଢ଼ୀ, ହିମାଂଶୁ ପାଣିଗ୍ରାହୀ, ନିଗମାନନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଗ୍ରାମବାସୀ ଜନ ସାଧାରଣ ଯୋଗ ଦେଇଥିଲେ।

୧୧ ଏପ୍ରିଲ ୨୦୨୬, ଶନିବାର
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

## ଲାୟନ୍ସ କ୍ଲବ ପକ୍ଷରୁ ଶାଳବଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ଜଳେଶ୍ୱର, ୧୦/୪ (ନି.ପ୍ର): ଜଳେଶ୍ୱର ବ୍ଲକ ବରଡିହା ପଞ୍ଚାୟତ ଅନ୍ତର୍ଗତ ଶାଳବଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ଏକ ସଫଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଲାୟନ୍ସ କ୍ଲବ ଏବଂ ଲାୟନ୍ସ କ୍ଲବ ଆଇ ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିର ସକାଳ ୯ ଘଟିକା ସମୟରେ ଆରମ୍ଭ ହୋଇଥିଲା। ଏହି ଶିବିରକୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଭୀଷ୍ମ ଚରଣ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଚକ୍ଷୁ ସେବାର ଆବଶ୍ୟକତା ଏବଂ ଲାୟନ୍ସ କ୍ଲବର ଏହି ଜନହିତକର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳରୁ ମୋଟ ୫୮ ଜଣ ରୋଗୀ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ଶରୀରରେ ମୋତିଆବିନ୍ଦୁ ଚିହ୍ନଟ ହୋଇଛି। ଚିହ୍ନଟ ହୋଇଥିବା ଏହି ରୋଗୀମାନଙ୍କର ଅସ୍ତ୍ରୋପଚାର ଲାୟନ୍ସ କ୍ଲବ ପକ୍ଷରୁ କରାଯିବା ପାଇଁ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ଶାଳବଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଗୌରବ କୁମାର ବେହେରା ଓ ଆୟୁଷ ଚିକିତ୍ସକ ଅଜୟ କୁମାର ଜେନା ସକ୍ରିୟ ସହଯୋଗ କରିଥିଲେ।ଲାୟନ୍ସ କ୍ଲବ ପକ୍ଷରୁ ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ଏସ.କେ.ସବିର, ସଦସ୍ୟ ଗିରିଜା ଶଙ୍କର ଦାସ, ଦିପେନ୍ଦୁ କର, ଗୌତମ ପ୍ରଧାନ, କପିଳେଶ୍ୱର ମହାନ୍ତି,ଏସ.କେ. ଅବିଉଦିନ, ମନୋଜ ଗୁପ୍ତା, ରାଜେଶ ଠକ୍କର, ଦୂର୍ଗା ଶଙ୍କର ଖଣ୍ଡେଲୱାଲ, ସତ୍ୟନାରାୟଣ ମହାପାତ୍ର ଏବଂ ରାଜ କିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ। ଗ୍ରାମାଞ୍ଚଳର ଅସହାୟ ଓ ଗରିବ ରୋଗୀମାନଙ୍କ ପାଇଁ ଏହି ମାଗଣା ଚକ୍ଷୁ ଶିବିର ବେଶ ସହାୟକ ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ସନ୍ତୋଷ ପ୍ରକାଶ କରିଛନ୍ତି।

## ବାଲେଶ୍ୱରରେ ସ୍ୱାସ୍ଥ୍ୟସେବାର ଉନ୍ନତିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଭେଟି ସାଂସଦ ପ୍ରତାପଙ୍କ ଆଲୋଚନା ଓ ଦାବିପତ୍ର ପ୍ରଦାନ



ନୀଳଗିରି, ୧୦/୪ (ନି.ପ୍ର): ଶୁକ୍ରବାର ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ରସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟି ବାଲେଶ୍ୱର ସଂସଦୀୟକ୍ଷେତ୍ରରେ ମୁଖ୍ୟତଃ ବାଲେଶ୍ୱରରେ ସ୍ୱାସ୍ଥ୍ୟସେବାର ଉନ୍ନତିପାଇଁ ସାକ୍ଷାତକରି ଆଲୋଚନା କରିବାସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ଭାରତ ସରକାରଙ୍କ ବିଭିନ୍ନ କେନ୍ଦ୍ରୀୟ ଅନୁଷ୍ଠାନରେ ପାଖାପାଖି ୨୫ହଜାରରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ନିୟୋଜିତ ରହି ସେବାଯୋଗାଇ ଆସୁଥିବାରୁ ସେମାନଙ୍କର ଏବଂ ସେମାନଙ୍କର ପରିବାରର ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ହେବାର ଆବଶ୍ୟକତାକୁ ଉପଲବ୍ଧିକରି କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟଯୋଜନା (ସିଜିଏଚ୍ଏସ), ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନକରିବାକୁ ଅନୁଗ୍ରହ କରିଥିଲେ।କଟକ ଭୁବନେଶ୍ୱର ଠାରୁ ୨ଶହ କିଲୋମିଟରର ଦୂରରେ ବାଲେଶ୍ୱର ଅବସ୍ଥିତ ରହିଥିବାରୁ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଏପରିକି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଭଳି ରାଜ୍ୟର ଲୋକ ବାଲେଶ୍ୱରକୁ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବାରୁ ଏଠାକାର କ୍ୟାନ୍ସର ରୋଗୀଙ୍କ ପାଇଁ ଏକ କ୍ୟାନ୍ସର ହସ୍ପିଟାଲ ଖୋଲିବାର ଆବଶ୍ୟକତା ଥିବାରୁ ଏଠାରେ ନୂତନ କ୍ୟାନ୍ସର ହସ୍ପିଟାଲ ଖୋଲିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ଏଥିସହ ବାଲେଶ୍ୱର ସହରରେ ଲୋକଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେରଖି ପୂର୍ବରୁ ସ୍ଥାପିତ ହୋଇଥିବା କିନ୍ତୁ ଏପର୍ଯ୍ୟନ୍ତ ପୂର୍ଣ୍ଣକାର୍ଯ୍ୟକ୍ଷମ ହୋଇନଥିବା ଏମ୍ସ ସାଟେଲାଇଟ୍ ସେଣ୍ଟରକୁ କାଳବିଳମ୍ବ ନକରି ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦାବି କରିଥିଲେ। ମାନ୍ୟବର ମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇ ଖୁବଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।ମନ୍ତ୍ରୀଙ୍କ ଏପରି ଅଭୟବାଣୀ ଶୁଣି ମାନ୍ୟବର ସାଂସଦଙ୍କ ସମେତ ବାଲେଶ୍ୱରବାସି କୃତଜ୍ଞତା ଜଣାଇଛନ୍ତି।

## ନୀତିଶ କୁମାର, ହରିବଂଶ ରାଜ୍ୟସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କଲେ

ନୂଆଦିଲ୍ଲୀ,୧୦/୪ : ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ରାଜ୍ୟସଭାର ବିଦାୟୀ ଉପାଧ୍ୟକ୍ଷ ହରିବଂଶ ଶୁକ୍ରବାର ରାଜ୍ୟସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କଲେ।ଉପରାଷ୍ଟ୍ରପତି ଏବଂ ରାଜ୍ୟସଭାର ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ସଂସଦ ଭବନରେ ସେମାନଙ୍କୁ ଶପଥ ପାଠ କରାଇଲେ।ଏହି ଅବସରରେ ଗୃହର ନେତା ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା; ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ; ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରୀ ରାଜୀବ ରଞ୍ଜନ (ଉରଫ ଲାଲନ ସିଂହ); କଂଗ୍ରେସ ରାଜ୍ୟସଭା ସଦସ୍ୟ ଜୟରାମ ରମେଶ; ଏବଂ ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।୬୯ ବର୍ଷୀୟ ହରିବଂଶଙ୍କୁ ପୂର୍ବ କାର୍ଯ୍ୟକାଳ ୯ ଏପ୍ରିଲରେ ସମାପ୍ତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ମନୋନୀତ କରିଥିଲେ।

## ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସିଟିସ୍କାନ, ଏମଆରଆଇ ସେଣ୍ଟର୍‌କୁ ଚେୟାର ପ୍ରଦାନ




ବାରିପଦା, ୧୦/୪ (ନି.ପ୍ର): ବାରିପଦାର ପ୍ରମୁଖ ଅନୁଷ୍ଠାନ ବାସ୍ତବ ପରିବାର ତାରଫରୁ ପି ଆର୍ ଆର୍ ଏମ୍ ମେଡିକାଲ ର ସିଟିସ୍କାନ କେନ୍ଦ୍ର କୁ ୨ଟି ଚେୟାର ପ୍ରଦାନ କରାଯାଇଛି। ବାସ୍ତବ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର ସ୍ୱର୍ଗତ ସୁନନ୍ଦନ ମିଶ୍ରଙ୍କ ସ୍ମୃତିରେ ଏହି ଦାନ କରାଯାଇଛି। ଏ ନେଇ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ହସ୍ପିଟାଲ୍ ର ଅଧୀକ୍ଷକ ଡାକ୍ତର ଶଶୀକାନ୍ତ ସେଠୀ ଯୋଗଦେଇ ଏଭଳି ଜନହିତକର କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁବାସ ନାୟକ ଡାକ୍ତରଖାନା ପରିଚାଳକ ଡାକ୍ତର ଶ୍ରୀରାମ ମହାନ୍ତି ସମାଜସେବୀ ଅମର ସେଠୀ ଙ୍କ ଉପସ୍ଥିତିରେ ଅନୁଷ୍ଠାନର କର୍ମକର୍ତ୍ତା ଚେୟାର ଗୁଡିକୁ ଡାକ୍ତରଖାନାକୁ ପ୍ରଦାନ କରିଥିଲେ ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀ, ସମ୍ପାଦକ ଅରୁଣ ପାତ୍ର, ଉପସଭାପତି ଜୟନ୍ତ ସେନାପତି, ସହ ସମ୍ପାଦକ ଚକ୍ରଧର ମହାପାତ୍ର, ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ତପନ ପଟ୍ଟନାୟକ, ମାନସ ରଞ୍ଜନ ଦାଶ, ସର୍ବତୋସ ଦାସ, ବିନୋଦ ସାହୁ, ଅମର ଶାହା, ଅଶ୍ୱିନୀ ବ୍ରହ୍ମା, ଚିତ୍ତରଞ୍ଜନ ସାହୁ, ବଳରାମ ଭଦ୍ର, ସଞ୍ଜୀବ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, କାମିନୀ ମାଳାକାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦/୪ (ନି.ପ୍ର): ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ । ଜିଲ୍ଲାପାଳମାନଙ୍କୁ 'ବାଲ୍ୟ ବିବାହ ନିଷେଧ ଅଧିକାରୀ' ଭାବେ ଦାୟିତ୍ୱ ଦିଆଯାଇଛି । ଗ୍ରାମ, ପଂଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି କର୍ମୀ, ପୁଲିସ ଏବଂ ଧର୍ମଗୁରୁମାନଙ୍କ ସହ ସ୍ୱତନ୍ତ୍ର ବୈଠକ ବିବାହ କାର୍ଯ୍ୟରେ ଜଡ଼ିତ ସେବା ଟେଂଟ ମାଲିକ, କ୍ୟାଟରିଂ ଏବଂ ପ୍ରିଂଟିଂ ପ୍ରେସ ମାଲିକଙ୍କୁ ମଧ୍ୟ କରାଯିବ ସଚେତନ ବାଲ୍ୟ ବିବାହକୁ ପ୍ରୋତ୍ସାହନ ନ କରିବାକୁ ଦିଆଯିବ ପରାମର୍ଶ । ସ୍କୁଲ ଛାଡ଼ିଥିବା ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପିଲାମାନେ ବାଲ୍ୟ ବିବାହର ଶିକାର ହେବାର ସମ୍ଭାବନା ଅଧିକ ସେମାନଙ୍କ ପରିବାରକୁ କାଉନସେଲିଂ କରିବାକୁ ଚିଠିରେ ଉଲ୍ଲେଖ ରହିଛି ।

## 'ମନା' ୧୦ମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୯ରେ

### ବେଳାଭୂମିରେ ମଦକୁଡ଼ିଆ ଖୋଲିବା ପ୍ରସ୍ତାବକୁ ବିରୋଧ



ବାଲେଶ୍ୱର, ୧୦/୪ (ନି.ପ୍ର): ରାଜ୍ୟସରକାରଙ୍କ ଅବକାରୀ ବିଭାଗ ଚଳିତବର୍ଷ ସହର ଓ ଗ୍ରାମାଞ୍ଚଳରେ ନୂତନ ମଦ ଦୋକାନ ନ ଖୋଲିବା ପ୍ରସ୍ତାବକୁ 'ମନା' ( ମିଳିତ ନିଶା ନିବାରଣ ଅଭିଯାନ) କମିଟିର ଶୁକ୍ରବାର ଦିନ ଅନୁଷ୍ଠିତ ମାସିକ ବୈଠକରେ ସ୍ୱାଗତ କରାଯାଇଛି। କିନ୍ତୁ ରାଜ୍ୟ ସରକାରଙ୍କ ପରିଚାଳିତ ପର୍ଯ୍ୟଟନ ନିଗମ ଜରିଆରେ ସମୁଦ୍ର ବେଳାଭୂମିରେ ମଦ କୁଡ଼ିଆ ଆଳରେ ନୂତନ ମଦ ଦୋକାନ ଖୋଲିବାକୁ ବୈଠକରେ ଦୃଢ଼ ବିରୋଧ କରାଯାଇଛି। ରାଜ୍ୟ ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ବୈଠକରେ ଦାବି କରାଯାଇଛି। ବାଲେଶ୍ୱର ଉପକୂଳରେ କୌଣସି ମଦ ଦୋକାନ ଖୋଲାଇ ଦିଆଯିବ ନାହିଁ ବୋଲି ମତ ପ୍ରକାଶ ପାଇଛି। ସଂଗଠନ ଆସନ୍ତା ସମ୍ମିଳନୀର ସାଧାରଣ ସଭାରେ ଏ ସଂପର୍କରେ ଆଗାମୀ ପ୍ରତିବାଦ ଆନ୍ଦୋଳନ ନିମିତ୍ତ ନିଷ୍ପତ୍ତି ନିଆଯିବ ବୋଲି ସାଧାରଣ ସଂପାଦିକା ମମତା ମହାପାତ୍ର ମତ ଦେବାପରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଶୁକ୍ରବାର ଦିନ ଅପରାହ୍ନରେ 'ମନା'ର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୦ମ ବାର୍ଷିକ ସମ୍ମିଳନୀ ପୂର୍ବନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୧୯ ତାରିଖ ଦିନ ଏ.ସି.ପି.ଏଲ୍. ସଭାଗୃହରେ ଦିନ ୧୦ଟାରେ ଅନୁଷ୍ଠିତ ହେବ। ଏହି ଅବସରରେ ସଂଗଠନର ମୁଖପତ୍ର ଉଦ୍‌ଘାଟନ ହେବ। ଜିଲ୍ଲାର ସମସ୍ତ ବ୍ଲକ୍ କମିଟି ଓ ଶାଖା କମିଟିର ପ୍ରତିନିଧିଙ୍କ ସମେତ ନିଶା ବିରୋଧରେ କାର୍ଯ୍ୟ କରୁଥିବା ସଂଗଠନ ଓ ବ୍ୟକ୍ତିବିଶେଷ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି। ଏହି ସମ୍ମିଳନୀର ସାଧାରଣ ସଭାରେ ଅତିଥି ଓ ବକ୍ତାଭାବେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାକୁ ସମ୍ମତି ଜଣାଇଛନ୍ତି। ଆସନ୍ତା ସମ୍ମିଳନୀର ସଫଳତା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ବୈଠକରେ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ହିସାବ ଆଗତ କରିଥିଲେ। ଏହି ବୈଠକରେ ବରିଷ୍ଠ ଉପଦେଷ୍ଟା ସୁବ୍ରତ କରଙ୍କ ସମେତ ସର୍ବଶ୍ରୀ କୁମୁଦ ରଂଜନ ଗିରି, ତ୍ରିଦିପ ନାୟକ, ରମେଶ ଚନ୍ଦ୍ର ଜେନା, ଡ. କେଶବ ଚରଣ ପଣ୍ଡା, ଯୋଗେଶ ଚନ୍ଦ୍ର ପ୍ରଧାନ, ଭାରତୀ ପଣ୍ଡା, ଦୟାନିଧି ମହାପାତ୍ର, ଲକ୍ଷ୍ମଣ ବିଶ୍ୱାଳ, ରବିନାରାୟଣ ଭୋଳ, ଗୀତାଞ୍ଜଳି ସିଂହ, ବସନ୍ତ ପ୍ରଧାନ, କବି ପ୍ରଭାକର ସାହୁ, ସନାତନ ଦାସ, ସୁନାମଣି ଜେନା, କବିତା ଜେନା, କଲ୍ୟାଣୀ ନନ୍ଦ, ଅର୍ଚ୍ଚନା ନନ୍ଦୀ, ସଂଜୟ ପଣ୍ଡା, ଭାସ୍କର ଚନ୍ଦ୍ର ମିଶ୍ର, ଅକ୍ଷୟ ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ଜଗନ୍ନାଥ ସାହୁ, ଡ. କ୍ଷିତୀଶ୍ୱର ଦାଶ, ଅବନ୍ତୀ ପ୍ରଧାନ ଓ ଶୁଭଙ୍କର ମହାପାତ୍ର ପ୍ରମୁଖ ଆଲେଚନାରେ ଅଂଶଗ୍ରହଣ କରିଥିଲେ। ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ପକ୍ଷ ୨୦୨୬ ଅବସରରେ ପାଳିତ ହେଲା ଲୋକକଳା ପାଇଁ ଦିନଟିଏ



ବାଲେଶ୍ୱର, ୧୦/୪ (ନି.ପ୍ର): ଆଜି ହେଉଛି ଓଡ଼ିଆ ପକ୍ଷ ୨୦୨୬ର ଦଶମ ଦିବସ । ଏହି ଅବସରରେ ଦିବା ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ, ବାଲେଶ୍ୱର ସଦରଙ୍କ ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ପ୍ରାଙ୍ଗଣରେ "ଲୋକକଳା ପାଇଁ ଦିନଟିଏ" ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ମହାସମାରୋହରେ ପାଳିତ ହୋଇଯାଇଅଛି । ସର୍ବ ପ୍ରଥମେ ସଭା ଆରମ୍ଭରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ସମୂହ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁନିତା ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ, ମାନ୍ୟବର ବିଧାୟକ ସଦରଙ୍କ ପ୍ରତିନିଧି ଶ୍ରୀଯୁକ୍ତ ହରେନ୍ଦ୍ର କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଉତ୍ତମ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ମାୟାଧର ମଲ୍ଲିକ ଯୋଗଦାନ କରି ଲୋକକଳା ଦିବସ ସମ୍ବନ୍ଧରେ ଆଲୋକପାତ କରିବା ସହିତ ହଜିଯାଉଥିବା ଲୋକକଳାକୁ ବଞ୍ଚାଇ ରଖିବା ପାଇଁ କଳାକାର ମାନଙ୍କୁ ଅନୁପ୍ରାଣିତ କରିଥିଲେ । ଏହା ପରେ ଅତିଥି ମାନେ ସଦର ବ୍ଲକ ଅଞ୍ଚଳର ୨୫ ଜଣ ପ୍ରମୁଖ ଲୋକ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ସ୍ଥାନୀୟ ଲୋକକଳା ଅନୁଷ୍ଠାନ ଶୀତଳା ମାତା ସଂକୀର୍ତ୍ତନ ଦଳ, ବାବା ଭଲେଶ୍ୱର ପାଲା ପରିଷଦ, ମା ବାସନ୍ତୀ ଚଢ଼େୟା ନାଟ ର କଳାକାର ମାନଙ୍କ ଦ୍ୱାରା ସଂକୀର୍ତ୍ତନ, ପାଲା ଓ ଚଢ଼େୟା ନାଟ ପରିବେଷଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ସଦର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଶ୍ରୀମତୀ ମଧୁଛନ୍ଦା ଗିରି ପରିଚାଳନା କରିଥିଲେ ।

## ଆରମ୍ଭହେଲା ଜଳଦାନ ସହିତ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ



ଉଦଳା, ୧୦/୪ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ପ୍ରତିବର୍ଷ ପରି ଗ୍ରୀଷ୍ମପ୍ରବାହ ଆରମ୍ଭ ହେବା ବେଳକୁ ସହରର ବିଭିନ୍ନସ୍ଥାନରେ ବାଟୋଇ ମାନଙ୍କୁ ଥଣ୍ଡା ପାନିୟଜଳ ଯୋଗାଇ ଦେବା ସାଙ୍ଗକୁ ଅଂଶୁଘାତରୁ ନିଜକୁ ରକ୍ଷା କରିବା ପାଇଁ ସଚେତନତାର ବାର୍ତ୍ତା ବାଂଟିବା ପର୍ବ ଆରମ୍ଭ ହୋଇଛି । ନଗରପାଳ ପ୍ରମିଳା ପଣ୍ଡା ଫିତା କାଟି ଏହାର ଶୁଭାରମ୍ଭ କରି, ସମଗ୍ର ସଂସାରକୁ ନିଜ ପରିବାର ମାନୁଥିବା ଭାବନା ହେଉଛି ହିନ୍ଦୁତ୍ୱର ଭାବନା । ଏହାକୁ ଯେଉଁମାନେ ମାନନ୍ତି ସେମାନେ କେବେମଧ୍ୟ କାହାରି ଅହିତ ଚିନ୍ତା କରନ୍ତି ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା, ଉପନଗରପାଳ ଲିଲିଭୋଳ, କାଉନସିଲର ଶରତଚନ୍ଦ୍ର ଦାସ ଓ ଧିରେନ୍ଦ୍ର ଖଣ୍ଡେଲୱାଲ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଭଂଜସେନାର ରବିନ ମହାନ୍ତି ପ୍ରମୁଖଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଓ ସ୍ୱେଚ୍ଛାସେବି ସଂଗଠନର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ ।

## ସମଲେଶ୍ୱରୀ ବର୍ଦ୍ଧନ ସ୍ମାରକୀ ବକ୍ତୃତା-୨୬ ସମାରୋହ

### 'ମୁଁକୁ ଆବିଷ୍କାର କରିବା; ସ୍ୱାର୍ଥ ଓ ପଦଲେହନ ନୀତି ତ୍ୟାଗ କରିବା ଉତ୍ତରପିଢ଼ିର ଦାୟିତ୍ୱ ହେଉ'




ବାଲେଶ୍ୱର, ୧୦।୪(ନିପ୍ର): ନିଜ ଭିତରେ ମୁଁକୁ ଆବିଷ୍କାର କରିବା ହେଉଛି ଅସ୍ମିତା। ଉତ୍ତରପିଢ଼ି ସ୍ୱାର୍ଥ, ପଦଲେହନ ନୀତି ତ୍ୟାଗ କରି ନିଜକୁ ଭଲ ପାଇଲେ ଜାତିର ବିକାଶ ଓ ସୁସ୍ଥ ସମାଜ ଗଠନ ହୋଇପାରିବ। କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ କକ୍ଷରେ ଗୁରୁବାର ୫ମ ସମଲେଶ୍ୱରୀ ବର୍ଦ୍ଧନ ସ୍ମାରକୀ ବକ୍ତୃତା-୨୬ ଓ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଓ ବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉପରୋକ୍ତ ବକ୍ତବ୍ୟ ରଖିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଲେଜ ହତାରେ ଥିବା କୁନ୍ତଳା କୁମାରୀ ସାବତଙ୍କ ପ୍ରତିମୂର୍ତ୍ତି ଓ ସମଲେଶ୍ୱରୀ ବର୍ଦ୍ଧନଙ୍କ ପୈତୃକ ଘରେ ତାଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟକ୍ଷା ଡ. ଝାନ୍ସୀ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଶିଷ୍ଟ ଶିକ୍ଷାବିତ ତଥା କେକେଏସ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ସମଲେଶ୍ୱରୀ ବର୍ଦ୍ଧନଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ପୈତୃକ ଜମି ଓ କୋଠା କଲେଜ ହଷ୍ଟେଲ ପାଇଁ ଦାନ କରିଥିବାରୁ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଇଥିଲେ। ଡ. ସଞ୍ଜୀବିତା ଦାସ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ଡ. ସସ୍ମିତା ସେଠୀ ଓ ଛାତ୍ରୀମାନେ ବେଦମନ୍ତ୍ର ପାଠ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ନାରାୟଣ ସୁରଜିତ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଫେସର ଶ୍ରୀ ସାମଲ 'ଓଡ଼ିଆ ଅସ୍ମିତା ଓ ଉତ୍ତରପିଢ଼ି'ର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ନିଜକୁ ଚିହ୍ନି ମୁଁକୁ ଆବିଷ୍କାର କରିବା ହେଉଛି ଅସ୍ମିତା। କବିବର ରାଧାନାଥ ରାୟ 'ଚିଲିକା' ଖଣ୍ଡକାବ୍ୟରେ ଅସ୍ମିତା ଶବ୍ଦର ବ୍ୟବହାର କରିଥିଲେ। ଓଡ଼ିଆ ଜାତି କ'ଣ ତାହା ଆଜି ଓଡ଼ିଆମାନେ ଜାଣୁ ନାହାନ୍ତି। ନିଜକୁ ଚିହ୍ନୁ ନଥିବା; ନିଜର ଗୌରବମୟ ଇତିହାସ ଜାଣିନଥିବା ଆଜିର ଓଡ଼ିଆଙ୍କ ମଧ୍ୟରେ ଅସ୍ମିତା ରକ୍ଷା ଏକ ବିରାଟ ପ୍ରଶ୍ନ ସୃଷ୍ଟି କରୁଛି। ମଧୁବାବୁଙ୍କ ଉକ୍ତିକୁ ଉଦ୍ଧାର କରି ଉତ୍ତରପିଢ଼ି ସ୍ୱାର୍ଥ ଓ ପଦଲେହନ ନୀତିକୁ ପରିତ୍ୟାଗ କରି ମୁଁ ଭିତରେ ସମାଜ ଓ ଜାତିକୁ ଭଲ ପାଉଥିବା ମୁଁକୁ ଆବିଷ୍କାର କରିବା ଆଜିର ଉତ୍ତରପିଢ଼ିର ଦାୟିତ୍ୱ ହେଉ ବୋଲି ପ୍ରଫେସର ସାମଲ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଓ ସ୍ନାତକ ଶ୍ରେଣୀର କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ଛାତ୍ରୀ ଓ ବିଭିନ୍ନ ବିଭାଗର ଶ୍ରେଷ୍ଠ ସ୍ନାତକଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡ. ସବିତା ଦାସ ଓ ଅଧ୍ୟାପିକା ମହାଶ୍ୱେତା ପାଣ୍ଡେ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପୁରାତନ ଅଧ୍ୟକ୍ଷା ରଶ୍ମିରେଖା ପତି ଉପସ୍ଥିତ ଥିଲେ। ଅଧ୍ୟାପକ ରାଜକିଶୋର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ। 'ଓଡ଼ିଆ ପକ୍ଷ' ଅବସରରେ କଲେଜ ଗ୍ରନ୍ଥାଗାର ସମ୍ମୁଖରେ ବହିଘର ପକ୍ଷରୁ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida